RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -158 | ସଂଖ୍ୟା-୧୫୮
ଭୁବନେଶ୍ୱର, ଗୁରୁବାର ୦୩ ସେପ୍ଟେମ୍ବର ୨୦୨୬
Bhubaneswar, Thursday 03 September, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଚାଇନା, ଭାରତ ଓ ଆମେରିକାକୁ କ୍ଷତି ପୂରଣ ମାଗିଲା ନେପାଳ

କାଠମାଣ୍ଡୁ, ୨।୯ : ପ୍ରକୃତିର କରାଳ ରୂପରେ ଛିନଛିତ୍ର ନେପାଳ ଏବେ ଏଥିପାଇଁ ଭାରତ, ଚାଇନା ଓ ଆମେରିକାକୁ ଦାୟୀ କରିଛି । ନିକଟରେ ଭୋଟେ କୋଶୀରେ ଆସିଥିବା ଜଳ ପ୍ରଳୟ ପାଇଁ ନେପାଳ ସରକାର ଭାରତ, ଚାଇନା ଓ ଆମେରିକା ଠାରୁ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତିପୂରଣ ମାଗିଛନ୍ତି ।

ଏହି ୩ ଦେଶକୁ ନେପାଳ ବିଶ୍ୱର ସର୍ବବୃହତ୍ତ ଗ୍ରୀନ ହାଉସ ଗ୍ୟାସ ନିର୍ଗତକାରୀ ରାଷ୍ଟ୍ର ଭାବେ ଚିହ୍ନଟ କରିଛି । ଏଥିଯୋଗୁ ଜଳ ବାୟୁରେ ପରିବର୍ତ୍ତନ ହୋଇଛି । ଜଳ ବାୟୁ ପରିବର୍ତ୍ତନ ପାଇଁ ନେପାଳ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିବା କାଠମାଣ୍ଡୁ କହିଛି ।

ଅଗଷ୍ଟ ୨୬ରେ ନେପାଳ ଓ ସୀମାନ୍ତ ତିବ୍ବରେ ଦେଖାଯାଇଥିବା ଜଳ ପ୍ରଳୟରେ ଏଯାଏ ୧୧୨୭ ଜଣଙ୍କ ମୃତଦେହ ମିଳିଥିବା ବେଳେ ଏବେ ବି ୪୦୦୦ରୁ ଅଧିକ ଲୋକ ନିଖୋଜ ରହିଛନ୍ତି । ନେପାଳ-ଚାଇନା ସୀମାରେ ପଥର ଓ ହିମ ସ୍ଖଳନ ଯୋଗୁ ଏତେ ବଡ ଘଟଣା ଘଟିଥିବା କୁହାଯାଉଛି ।

ନେପାଳ ସରକାର ବିପର୍ଯ୍ୟୟର ୮ ଦିନ ପରେ ଭାରତ, ଚାଇନା ଓ ଆମେରିକାକୁ ଜଳ ପ୍ରଳୟର କ୍ଷତି ପୂରଣ ମାଗିଛନ୍ତି । ଏଥିସହ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ବା ବାଲେନ ଶାହ ମଧ୍ୟ ଜାତିସଂଘ ସାଧାରଣ ସଭା ଯାଇ ଜଳବାୟୁ କ୍ଷତିପୂରଣ ଦାବି ଉପସ୍ଥାପନ କରିବାକୁ ଯୋଜନା କରୁଛନ୍ତି ।

ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ କହିଛନ୍ତି, ଏହି ତିନି ଦେଶର ଉପରେ ସବୁ ଉତ୍ତରଦାୟିତ୍ୱ ରହିଛି ।



ସେମାନଙ୍କୁ ଜଳବାୟୁ ଜନିତ କ୍ଷତିପୂରଣ ଦେବାକୁ ପଡିବ । କାରଣ ଏହି ୩ ଦେଶ ହେଉଛନ୍ତି ବିଶ୍ୱର ସର୍ବବୃହତ୍ତ ଗ୍ରୀନ ହାଉସ ନିର୍ଗମକାରୀ ରାଷ୍ଟ୍ର ।

ଛୋଟ ଛୋଟ ଦେଶ କମ ପରିମାଣର ନିର୍ଗମନ କରୁଥିଲେ ହେଁ ସେମାନଙ୍କୁ ଭାରତ, ଚାଇନା ଓ ଆମେରିକା ପାଇଁ ଜଳ ବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡିଛି । ତେଣୁ ସେମାନଙ୍କୁ ଏବେ ପ୍ରାକୃତି ବିପର୍ଯ୍ୟୟର କ୍ଷତିପୂରଣ ଦେବାକୁ ହେବ ବୋଲି ସେ କହିଛନ୍ତି ।

କାଠମାଣ୍ଡୁ ବିଧିବଦ୍ଧ ଭାବେ ଜାତିସଂଘ ସମର୍ଥିତ ଫଣ୍ଡ ଫର୍ ରେସ୍ପଣ୍ଡିଂ ଟୁ ଲସ୍ ଆଣ୍ଡ ଡ୍ୟାମେଜ୍ ନିକଟରେ ଜରୁରୀ ଆର୍ଥିକ ସହାୟତା ପାଇଁ ଆବେଦନ କରିଛି । ଏଥିସହ ନେପାଳ ଏହି ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରସଙ୍ଗରେ ନ୍ୟାୟ ପାଇବା ପାଇଁ ଅନ୍ତର୍ଜାତୀୟ ମଞ୍ଚର ଦ୍ୱାରସ୍ଥ ହେବାକୁ ମଧ୍ୟ ପ୍ରସ୍ତୁତ ହେଉଛି ।

ଅଗଷ୍ଟ ୨୬ରେ ଭୋଟେ କୋଶୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ନେପାଳର ରାସୁୱା, ନୁୱାକୋଟ୍ ଓ ଧାଡିଙ୍ଗ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଧ୍ୱଂସ କରିଦେଇଥିଲା । ଘର, ରାସ୍ତା, ବ୍ରିଜ୍ ଓ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି । ନେପାଳ ଏହି ବିପର୍ଯ୍ୟୟକୁ 'ହିମାଳୟୀ ସୁନାମି' ଭାବେ ବର୍ଣ୍ଣନା କରିଛି ।ବନ୍ୟାରେ ଧ୍ୱଂସ ହୋଇଥିବା ଅଞ୍ଚଳର ପୁନର୍ନିର୍ମାଣ ପାଇଁ ନେପାଳକୁ ୪ରୁ ୫ ବିଲିୟନ୍ ଡଲାର ଆବଶ୍ୟକ ହୋଇପାରେ । ଏହା ଦେଶର ଅର୍ଥନୀତିର ପ୍ରାୟ ୧୦ ପ୍ରତିଶତ ସହ ସମାନ ବୋଲି ଅର୍ଥମନ୍ତ୍ରୀ ସ୍ୱର୍ଣ୍ଣିମ ୱାଗ୍ଲେ କହିଛନ୍ତି ।

## ଓଡ଼ିଶା ଡିଜିପି ନିଯୁକ୍ତି ମାମଲା; ୭କୁ ଘୁଞ୍ଚିଲା ସୁପ୍ରିମକୋର୍ଟର ଶୁଣାଣି

ନୂଆଦିଲ୍ଲୀ, ୨।୯ (ନି.ପ୍ର.): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ଚାଲିଥିବା ବହୁଚର୍ଚ୍ଚିତ ମାମଲାର ଶୁଣାଣି ପୁଣି ଘୁଞ୍ଚିଛି । ଭାରତର ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୭ ତାରିଖରେ କରିବେ ବୋଲି ସ୍ପଷ୍ଟ କରିଛନ୍ତି । ଏହି ମାମଲା ଓଡ଼ିଶାର ନୂଆ ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ଦାଖଲ ହୋଇଥିବା ଆବେଦନ ସହ ସମ୍ପର୍କିତ । ପୂର୍ବରୁ ଶୁଣାଣି ହେବାର କାର୍ଯ୍ୟସୂଚୀ ଥିଲେ ମଧ୍ୟ ବର୍ତ୍ତମାନ ଶୀର୍ଷ ଅଦାଲତ ଏହାକୁ ୭ ସେପ୍ଟେମ୍ବରକୁ ସ୍ଥଗିତ ରଖିଛନ୍ତି ।

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାର ସର୍ବୋଚ୍ଚ ପଦବୀ ହୋଇଥିବାରୁ ଡିଜିପି ନିଯୁକ୍ତିକୁ ନେଇ ଏହି ମାମଲା ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି । ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସହ ନିଯୁକ୍ତି ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିଥିବା ପିଟିସନ୍ ଉପରେ ଯୁକ୍ତି ଉପସ୍ଥାପନ ହେବ । ସୁପ୍ରିମକୋର୍ଟଙ୍କ ଆସନ୍ତା ରାୟ ଓଡ଼ିଶା ପୁଲିସର ନେତୃତ୍ୱ ଚୟନ ଉପରେ ପ୍ରଭାବ ପକାଇପାରେ । ତେଣୁ ସେପ୍ଟେମ୍ବର ୭ର ଶୁଣାଣି ଉପରେ ପ୍ରଶାସନିକ ମହଲ ସହ ସମସ୍ତଙ୍କ ନଜର ରହିଛି ।

## ଓଡ଼ିଶା ସମେତ ୮ ରାଜ୍ୟରେ ପ୍ରବଳ ବର୍ଷା ଆଲର୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ : ଦେଶର ପୂର୍ବ ଓ ମଧ୍ୟ ଭାରତରେ ପୁଣି ବର୍ଷାର ପ୍ରକୋପ ବଢ଼ିବାକୁ ଯାଉଛି । ପଶ୍ଚିମ ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳରେ ସକ୍ରିୟ ଥିବା ସୁ-ଚିହ୍ନିତ ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶା ସମେତ ୮ଟି ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ।

ଆଇଏମଡିର ବୁଲେଟିନ୍ ଅନୁଯାୟୀ, ଏହି ପାଣିପାଗ ବ୍ୟବସ୍ଥା ପୂର୍ବରୁ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଉପରେ ଥିଲା । ବର୍ତ୍ତମାନ ଏହା ପଶ୍ଚିମ ଝାଡ଼ଖଣ୍ଡ ଅଞ୍ଚଳକୁ ସରି ଆସିଛି ଏବଂ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଲଘୁଚାପ ଭାବେ ଦୁର୍ବଳ ହେବା ସହ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଉତ୍ତର ପ୍ରଦେଶ ଓ ଉତ୍ତର ମଧ୍ୟପ୍ରଦେଶ ଆଡ଼କୁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବ ।

ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାବେଳେ, ୨ ସେପ୍ଟେମ୍ବରରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାକୁ ଓଗଡ଼ ପୂର୍ବାନୁମାନ କରିଛି । ନିମ୍ନାଞ୍ଚଳରେ ଜଳବନ୍ଦୀ ଓ ସ୍ଥାନୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସତର୍କ କରାଯାଇଛି ।ଲଘୁଚାପର ଗତିପଥ ମଧ୍ୟ ଭାରତ ଆଡ଼କୁ ରହିଥିବାରୁ ବର୍ଷାର ପ୍ରଭାବ ଧୀରେ ଧୀରେ ପଶ୍ଚିମ ଦିଗକୁ ବଢ଼ିବ । ଯେଉଁ ଜିଲ୍ଲାଗୁଡ଼ିକରେ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି, ସେଠାରେ ସ୍ଥାନୀୟ ପ୍ରଶାସନ ଓ ସାଧାରଣ ଲୋକଙ୍କୁ ସଜାଗ ରହିବାକୁ ଓଗଡ଼ ପରାମର୍ଶ ଦେଇଛି । ନଦୀ କୂଳବର୍ତ୍ତୀ ଓ ତଳିଆ ଅଞ୍ଚଳର ଲୋକମାନଙ୍କୁ ସର୍ବଶେଷ ପାଣିପାଗ ସୂଚନା ଉପରେ ନଜର ରଖିବାକୁ କୁହାଯାଇଛି ।

## ଦାରା ସିଂ ମାମଲାରେ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ଚେତାବନୀ

ନୂଆଦିଲ୍ଲୀ: ୧୯୯୯ ମସିହାର ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରବୀନ୍ଦ୍ର ପାଲ ଓରଫ ଦାରା ସିଂହଙ୍କ ଅକାଳ ମୁକ୍ତି ଆବେଦନକୁ ନେଇ ସୁପ୍ରିମକୋର୍ଟ ପୁଣି ଶୁଣାଣି କରିବେ । ମାମଲାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ମଧ୍ୟରେ ସର୍ବୋଚ୍ଚ ଅଦାଲତ ଓଡ଼ିଶା ସରକାରଙ୍କ ଭୂମିକା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଏହା ପୂର୍ବରୁ ସୁପ୍ରିମକୋର୍ଟ ଓଡ଼ିଶା ସରକାରକୁ ଦାରା ସିଂହଙ୍କ ମୁକ୍ତି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏପର୍ଯ୍ୟନ୍ତ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ପକ୍ଷରୁ ଚୂଡ଼ାନ୍ତ ରିପୋର୍ଟ ଦାଖଲ ହୋଇନଥିବା ସୂଚନା ମିଳିବା ପରେ ବେଞ୍ଚ କ୍ଷୋଭ ପ୍ରକାଶ କରିଛନ୍ତି ।

ଶୁଣାଣି ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଛନ୍ତି, "ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ, ନଚେତ୍ ଆମେ ନେବୁ ।" ଏହି ଟିପ୍ପଣୀ ପରେ ସରକାର ଓ ରିଭ୍ୟୁ ବୋର୍ଡ ଉପରେ ଶୀଘ୍ର ନିଷ୍ପତ୍ତି ନେବାର ଚାପ ବଢ଼ିଛି ।

ଦାରା ସିଂହ ୧୯୯୯ ମସିହାରୁ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି । ଏପର୍ଯ୍ୟନ୍ତ ସେ ୨୬ ବର୍ଷରୁ ଅଧିକ ସମୟ ଜେଲ୍‌ରେ କାଟିସାରିଛନ୍ତି । ଦୀର୍ଘ କାରାବାସକୁ ଆଧାର କରି ସେ ସୁପ୍ରିମକୋର୍ଟରେ ଦଣ୍ଡ ରିମିସନ୍ ଓ ଅକାଳ ମୁକ୍ତି ପାଇଁ ଆବେଦନ କରିଛନ୍ତି । ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲା ଭାରତର ସବୁଠୁ ଚର୍ଚ୍ଚିତ ଅପରାଧିକ ମାମଲା ମଧ୍ୟରୁ ଗୋଟିଏ । ଏବେ ସମସ୍ତଙ୍କ ନଜର ସୁପ୍ରିମକୋର୍ଟର ପରବର୍ତ୍ତୀ ଶୁଣାଣି ଓ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଉପରେ ରହିଛି ।

## ଦିଶା ସାଲିଆନ ମୃତ୍ୟୁ ମାମଲାର ହେବ ସିବିଆଇ ତଦନ୍ତ

ମୁମ୍ବାଇ, ୨।୯ (ନି.ପ୍ର.): ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ତଦନ୍ତ କରିବ । ବମ୍ବେ ହାଇକୋର୍ଟ ଏବେ ଏହି ହାଇ-ପ୍ରୋଫାଇଲ୍ ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିଶାଙ୍କ ବାପା ସତୀଶ ସାଲିଆନଙ୍କ ଦ୍ୱାରା ଦାୟର ଏକ ଆବେଦନରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।



ବମ୍ବେ ହାଇକୋର୍ଟ ବିଚାରପତି ସାରଙ୍ଗ କୋଟୱାଲ ଏବଂ ବିଚାରପତି ରଣଜିତ ସିଂହ ରାଜା ଭୋସଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇକୁ ତୁରନ୍ତ ଏହି ମାମଲାରେ ଏକ ଏଫଆଇଆର୍ ପଞ୍ଜିକରଣ କରିବାକୁ ଏବଂ ମୃତକଙ୍କ ପିତା ସତୀଶ ସାଲିଆନଙ୍କ ବୟାନ ରେକର୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ସହିତ ଜଡିତ ସମସ୍ତ କାଗଜପତ୍ର ଏବଂ ଦସ୍ତାବିଜ ତୁରନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ମୁମ୍ବାଇ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଠୋସ୍ ପ୍ରମାଣ କିମ୍ବା ସାମଗ୍ରୀ ନମିଳିବା ପର୍ଯ୍ୟନ୍ତ ତାଙ୍କୁ ଅଭିଯୁକ୍ତ ବୋଲି ବିବେଚନା କରାଯିବ ନାହିଁ ବୋଲି ମାନ୍ୟବର ଅଦାଲତ ସ୍ପଷ୍ଟ କରିଛନ୍ତି ।

ପ୍ରକାଶ ଯୋଗ୍ୟ, ଜୁନ୍ ୮, ୨୦୨୦ରେ ଦିଶା ସାଲିଆନଙ୍କ ମୃତ୍ୟୁ ହୋଇଥିଲା । ମୁମ୍ବାଇର ମଲାଡ୍ ଅଞ୍ଚଳର ଏକ କୋଠାର ୧୪ ମହଲାରୁ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ମୁମ୍ବାଇ ପୋଲିସ ପ୍ରଥମେ ଏହାକୁ ଏକ ଦୁର୍ଘଟଣାଜନିତ ମାମଲା ଏବଂ ପରେ ଆତ୍ମହତ୍ୟା ରିପୋର୍ଟ ଦେଇଥିଲା । କିନ୍ତୁ ଦିଶାଙ୍କ ବାପା ଝିଅକୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଥିଲେ । ସେ ତାଙ୍କ ଆବେଦନରେ ଶିବସେନା ନେତା ଆଦିତ୍ୟ ଠାକରେଙ୍କ ବିରୁଦ୍ଧରେ ଏତଲା ପଞ୍ଜିକରଣ କରିବାକୁ ଦାବି କରିଥିଲେ ।

## ପ୍ରକାଶ ପାଇଲା ଓଟିଇଟି - ୨୦୨୬ ରେଜଲ୍ଟ: ପାସ୍ ହାର ୬୪.୪୮%

କଟକ, ୨।୯: ମାଧ୍ୟମିକ ଶିକ୍ଷା ପରିଷଦ , ଓଡ଼ିଶା ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (OTET)-୨୦୨୬ର ଫଳାଫଳ ବୁଧବାର ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି । ଚଳିତ ବର୍ଷ ଏହି ପରୀକ୍ଷାରେ ମୋଟ୍ ପାସ୍ ହାର ୬୪.୪୮ ପ୍ରତିଶତ ରହିଛି ।ସୂଚନା ଅନୁଯାୟୀ, ଏହି ପରୀକ୍ଷା ଦେବା ପାଇଁ ସାରା ରାଜ୍ୟରୁ ମୋଟ୍ ୯୭,୧୫୧ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୩,୩୧୪ ଜଣ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାର୍ଥୀମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ bseodisha.ac.in କୁ ଯାଇ ନିଜର ରୋଲ୍ ନମ୍ବର ଦେଇ ସ୍କୋରକାର୍ଡ ଯାଞ୍ଚ କରିପାରିବେ ।

## ଗାଡି ମାଲିକଙ୍କୁ ବଡ ଆଶ୍ୱସ୍ତି, ପିୟୁସିସି ଜରିମାନା ରାଶି ହ୍ରାସ କଲେ ସରକାର

ଭୁବନେଶ୍ୱର, ୨/୯ : ଗାଡି ମାଲିକ ଓ ଚାଳକଙ୍କୁ ବଡ ଆଶ୍ୱସ୍ତି । ପିୟୁସିସି ଜରିମାନା ରାଶି ହ୍ରାସ କଲେ ରାଜ୍ୟ ସରକାର । ୨୦୧୯ ମସିହାରୁ ପ୍ରଦୂଷଣ ନିୟମ ଉଲଂଘନ ପାଇଁ ଧାର୍ଯ୍ୟ ହୋଇଥିବା ୧୦,୦୦୦ ଜରିମାନା ରାଶିକୁ ଏବେ ହ୍ରାସ କରିଛନ୍ତି ସରକାର । ପୂର୍ବ ସରକାର ବେଳେ ଏହା ଦଶ ହଜାର ଟଙ୍କା ଥିବା ବେଳେ ଏହାକୁ ଏବେ ୧ ହଜାରରୁ ୬ ହଜାର ପର୍ଯ୍ୟନ୍ତ କରାଯାଇଛି । ତେବେ ୯୦ ଦିନରୁ ଅଧିକ ଦିନ ଇ-ଚାଲାଣ ବକେୟା ଥିଲେ ଚଟଉଦ ହୋଇପାରିବ ନାହିଁ ବୋଲି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଘୋଷଣା କରିଛନ୍ତି ।

ନୂଆ ନିୟମ ଅନୁଯାୟୀ- ମୋଟର ସାଇକେଲ : ପ୍ରଥମ ଥର ନିୟମ ଭାଙ୍ଗିଲେ ୧ ହଜାର, ଦ୍ୱିତୀୟ ଥର ୨ ହଜାର ଫାଇନ୍, ତିନି ଚକିଆ ଗାଡ଼ି (ଯାତ୍ରୀବାହୀ/ମାଲ ପରିବହନ) : ପ୍ରଥମ ଥର ୧ ହଜାର, ଦ୍ୱିତୀୟ ଥର ୨ ହଜାର ଫାଇନ୍, ମୋଟର କ୍ୟାବ : ପ୍ରଥମ ଥର ୨ ହଜାର, ଦ୍ୱିତୀୟ ଥର ୫ ହଜାର ଫାଇନ୍, ମୋଟର କାର, ଜିପ୍ : ପ୍ରଥମ ଥର ୨ ହଜାର, ଦ୍ୱିତୀୟ ଥର ୫ ହଜାର ଫାଇନ୍, ଟ୍ରାକ୍ଟର, ଟ୍ରେଲର : ପ୍ରଥମ ଥର ୨ ହଜାର, ଦ୍ୱିତୀୟ ଥର ୫ ହଜାର ଫାଇନ୍, ଅନନ୍ୟା ଯାନ : ପ୍ରଥମ ଥର ୩ ହଜାର, ଦ୍ୱିତୀୟ ଥର ୬ ହଜାର ଫାଇନ୍ ଓ ୯୦ରୁ ଅଧିକ ଦିନ ଇ-ଚାଲାଣ ବକେୟା ଥିଲେ ଚଟଉଦ ହୋଇପାରିବ ନାହିଁ ।

## ଲାଞ୍ଚ ମାମଲା, ଅବସରପ୍ରାପ୍ତ ଡାକ୍ତରଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର, ୨।୯ : ଏକ ଲାଞ୍ଚ ମାମଲାର ଶୁଣାଣି କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏଥି ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଦର୍ଶାଇଛନ୍ତି । ଅବସରପ୍ରାପ୍ତ ଡାକ୍ତର ଜଣକ ହେଲେ ନୟାଗଡ ଜିଲ୍ଲା ମଧଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର



ପୂର୍ବତନ ମେଡିକାଲ ଅଫିସର କେଦାରନାଥ ପାଲ୍ ।

ମଧଖଣ୍ଡ ପିଏଚସିର ଜଣେ କର୍ମଚାରୀଙ୍କ ହୁଡକୋ ଋଣ ମଞ୍ଜୁର କରିବା ପାଇଁ ପୂର୍ବତନ ମେଡିକାଲ ଅଫିସର କେଦାରନାଥ ଲାଞ୍ଚ ଦାବି କରିଥିଲେ । ଏ ନେଇ କର୍ମଚାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପରେ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଏ ନେଇ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ଏହି ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି । ଏହି ଦଣ୍ଡାଦେଶ ପରେ ଭିଜିଲାନ୍ସ ପକ୍ଷରୁ କେଦାରନାଥଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଓଡ଼ିଶାର ଜଳ ଭିତ୍ତିଭୂମି ଓ ଜଳସେଚନ ସଫଳତା ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨।୯ (ନି.ପ୍ର.): ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪,୦୦୦ କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି ଏବଂ ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମିଟ୍‌ରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶର ବ୍ୟାପକ ସଫଳତା ଉପସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର (ଓଏସ) କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍‌ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି । ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ଓଏସ ପ୍ରକଳ୍ପ ଏବଂ ୬ଟି ମିଡିଅମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ । ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିଅମ୍, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍ ବୋରୱେଲ୍ ଏବଂ ୮,୯୧୭ଟି ସୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି । ଭୂ-ଜଳ ସ୍ଥିରତା ବଜାୟ ରଖିବା ପାଇଁ 'ଛାତ' ଯୋଜନାରେ ୨୦,୦୦୦ ରୁଫଟପ୍ ରେନୱାଟର ହାର୍ଭେଷ୍ଟିଂ ଷ୍ଟ୍ରକ୍‌ଚର ଏବଂ 'ଅରୁଆ' ଯୋଜନାରେ ୧,୨୦୦ଟି ରିଚାର୍ଜ ସାଫ୍ଟ ସମ୍ପୂର୍ଣ୍ଣ ହୋଇଛି । ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦,୦୦୦ରୁ ଊର୍ଦ୍ଧ୍ୱ 'ପାଣି ପଞ୍ଚାୟତ'କୁ ସଶକ୍ତ କରାଯାଉଛି । ଏହିସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ୍ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବହୁ ପ୍ରତୀକ୍ଷିତ 'କାନୁ ପୁର ପ୍ରକଳ୍ପ'ର ସଫଳ ସମାପ୍ତି ବିଷୟରେ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି । ଅଗଷ୍ଟ ୩୧ ସୁଦ୍ଧା ଏହି ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱାର୍କ ଶେଷ ହୋଇ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ । ଡବଲ୍ ଇଞ୍ଜିନ୍ ସରକାରଙ୍କ ମାର୍ଗଦର୍ଶନରେ ଓଡ଼ିଶା ଜଳ ସମ୍ପଦର ଉତ୍କୃଷ୍ଟ ପ୍ରବନ୍ଧନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି ।

## ପରିବର୍ତ୍ତନ ମାର୍ଗରେ ଜମ୍ମୁ ଓ କାଶ୍ମୀର: ଆତଙ୍କବାଦୀ ନିଯୁକ୍ତିରେ ୯୯% ହ୍ରାସ

ନୂଆଦିଲ୍ଲୀ୨।୯ : ଜମ୍ମୁ ଏବଂ କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ଏବଂ ଆତଙ୍କବାଦ ବିରୋଧରେ ଭାରତୀୟ ସେନା କ୍ରମାଗତ କାର୍ଯ୍ୟାନୁଷ୍ଠାନ ପରେ ଏବେ ଶାନ୍ତି ମାର୍ଗରେ ଉପତ୍ୟାକା ବାସିନ୍ଦା । ହିଂସା, ବନ୍ଧୁକ ଓ ପଥର ଛାଡ଼ି ପରିବର୍ତ୍ତନକୁ ନିଜ ଜୀବନର ଅଂଶ କରିଛନ୍ତି କାଶ୍ମୀରର ଯୁବପୀଢ଼ି । ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ନିଯୁକ୍ତିରେ ୯୯ ପ୍ରତିଶତ ହ୍ରାସ ଘଟିଛି । ନୀତି ଆୟୋଗର ସଦ୍ୟ ପ୍ରକାଶିତ ତଥ୍ୟରେ ଏହି ଚାଞ୍ଚଲ୍ୟକର ଖୁଲାସା ହୋଇଛି । ନୀତି ଆୟୋଗର ତଥ୍ୟ ଅନୁଯାୟୀ, ୨୦୧୮ ରୁ ୨୦୨୫ ମଧ୍ୟରେ ପଥର ଫିଙ୍ଗା ଘଟଣାରେ ୯୮.୬ ପ୍ରତିଶତ ହ୍ରାସ ଘଟିଛି । ଆତଙ୍କବାଦୀରେ ସ୍ଥାନୀୟ ଯୁବକମାନଙ୍କ ନିଯୁକ୍ତି ମାମଲାରେ ପ୍ରାୟ ୯୯ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ଖାଲି ସେତିକି ନୁହେଁ ଆତଙ୍କବାଦୀ କାର୍ଯ୍ୟକଳାପ, ଏନକାଉଣ୍ଟର, ନିହତ ଆତଙ୍କବାଦୀଙ୍କ ସଂଖ୍ୟା ଏବଂ ସହିଦ ସୁରକ୍ଷା ବାହିନୀ ସଂଖ୍ୟାରେ ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖନୀୟ ହ୍ରାସ ପରିଲକ୍ଷିତ ହୋଇଛି । ନୀତି ଆୟୋଗ ୨୦୧୮ ଏବଂ ୨୦୨୫ର ତଥ୍ୟ ଆଧାରରେ ଆଇନ ଶୃଙ୍ଖଳା ଏବଂ ସୁରକ୍ଷା ପରିସ୍ଥିତି



ସହିତ ଜଡିତ ମାମଲାଗୁଡ଼ିକର ତୁଳନାତ୍ମକ ତଥ୍ୟ ପ୍ରଦାନ କରିଛି । ୨୦୧୮ ରେ ଜମ୍ମୁ ଏବଂ କାଶ୍ମୀରରେ ପଥର ଫିଙ୍ଗା ମାମଲା ୧,୭୬୭ ପଞ୍ଜିକୃତ ହୋଇଥିବାବେଳେ ୨୦୨୫ ସୁଦ୍ଧା, ଏହି ସଂଖ୍ୟା ମାତ୍ର ୨୫ରେ ସୀମିତ ରହିଥିଲା । ବିଗତ ଆଠ ବର୍ଷ ମଧ୍ୟରେ ପଥର ଫିଙ୍ଗା ଘଟଣାରେ ୯୮.୬ ପ୍ରତିଶତ ହ୍ରାସ ଘଟିଛି । ସେହିପରି ଆତଙ୍କବାଦ କାର୍ଯ୍ୟକଳାପରେ ଯୁବପିଢ଼ିଙ୍କ ନିଯୁକ୍ତିର ୧୯୯ଟି ମାମଲାରୁ ୨୦୨୫ ସୁଦ୍ଧା ଏହି ସଂଖ୍ୟା ସିଧାସଳଖ ଆଶ୍ଚର୍ଯ୍ୟଜନକ ଭାବେ ୨କୁ ହ୍ରାସ ପାଇଛି । ଯାହା ପ୍ରାୟ ୯୯ ପ୍ରତିଶତ ହ୍ରାସ ବୋଲି ସୂଚାଉଛି । ଆତଙ୍କବାଦୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ହିଂସାତ୍ମକ ଘଟଣାରେ ୯୫ ପ୍ରତିଶତ ହ୍ରାସ ଘଟିଛି । ୨୦୧୮ରେ ଏପରି ୨୨୮ଟି ଘଟଣା ରେକର୍ଡ ହୋଇଥିବା ବେଳେ, ୨୦୨୫ରେ ଏହି ସଂଖ୍ୟା ୧୨କୁ ହ୍ରାସ ପାଇଛି । ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଏନକାଉଣ୍ଟର ସଂଖ୍ୟା ୧୮୯ରୁ ହ୍ରାସ ପାଇ ୩୩ ଛୁଇଁଛି । ଯାହା ପ୍ରାୟ ୮୨.୫ ପ୍ରତିଶତ ହ୍ରାସ ପାଇଛି । ନିହତ ଆତଙ୍କବାଦୀଙ୍କ ସଂଖ୍ୟା ମଧ୍ୟ ୨୫୭ ରୁ ୩୪କୁ ହ୍ରାସ ପାଇଥିଲା, ଯାହା ପ୍ରାୟ ୮୭ ପ୍ରତିଶତ ହ୍ରାସ ଦର୍ଶାଇଥିଲା । ଆତଙ୍କବାଦୀ ହିଂସା ଏବଂ ଏନକାଉଣ୍ଟରରେ ପ୍ରାଣ ହରାଇଥିବା ସୁରକ୍ଷା ବାହିନୀର କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ୯୧ ରୁ ୧୬ କୁ ହ୍ରାସ ପାଇଛି, ଯାହା ୮୨.୪ ପ୍ରତିଶତ ହ୍ରାସ ପାଇଛି । ସାଧାରଣ ନାଗରିକଙ୍କ ମୃତ୍ୟୁ ମଧ୍ୟ ହ୍ରାସ ପାଇଛି । ୨୦୧୮ ରେ ଆତଙ୍କବାଦ ଘଟଣା କିମ୍ବା ଏନକାଉଣ୍ଟରରେ ୫୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ବେଳେ, ୨୦୨୫ ରେ ଏହି ସଂଖ୍ୟା ୨୮ କୁ ହ୍ରାସ ପାଇଛି – ଯାହା ପ୍ରାୟ ୪୯.୧ ପ୍ରତିଶତ ହ୍ରାସ ପାଇଛି । ଏହି ସମୟ ମଧ୍ୟରେ 'ଅପରେସନ୍ ସିନ୍ଦୂର' ମଧ୍ୟ ହୋଇଛି । ଅପରେସନ୍ ସିନ୍ଦୂର ବେଳେ ୩ ଲକ୍ଷ ୨୬ ହଜାର ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା । ମୋଟ ୩୯୭ ରିଲିଫ୍ ଶିବିର ପ୍ରତିଷ୍ଠା କରାଯାଇଥିଲା, ଯେଉଁଥିରେ ୧୫,୨୯୩ ଲୋକଙ୍କୁ ଆଶ୍ରୟ ଦିଆଯାଇଥିଲା ।

## ଟ୍ରେନରୁ ମା' ଓ ୯ ମାସର ଶିଶୁ ନିଖୋଜ

ଭୁବନେଶ୍ୱର, ୨।୯ (ନି.ପ୍ର.): ଜଗତସିଂହପୁର ଜିଲ୍ଲାର ରଙ୍କଇ ଗାଁର ଜଣେ ମହିଳା ଓ ତାଙ୍କ ୯ ମାସର ଶିଶୁପୁତ୍ର ଟ୍ରେନ୍‌ରେ ଘରକୁ ଫେରୁଥିବା ବେଳେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଛନ୍ତି । ଏହି ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି ।



ନିଖୋଜ ମହିଳା ହେଲେ ସୁଭଦ୍ରା ମଲ୍ଲିକ, ଜଗତସିଂହପୁରର ରଙ୍କଇ ଗାଁର ପ୍ରକାଶ ମଲ୍ଲିକଙ୍କ ପତ୍ନୀ । ସୂଚନା ଅନୁଯାୟୀ, ସୁଭଦ୍ରା ଗତ ଅଗଷ୍ଟ ୩୧ ତାରିଖରେ ନିଜ ୯ ମାସର ପୁଅକୁ ସାଙ୍ଗରେ ନେଇ ଭୁବନେଶ୍ୱର-ବେଙ୍ଗାଲୁରୁ ଏକ୍ସପ୍ରେସ୍ ଯୋଗେ ବେଙ୍ଗାଲୁରୁରୁ ଘରକୁ ଫେରୁଥିଲେ ।ଦିନ ପ୍ରାୟ ୧ଟା ୪୫ ମିନିଟ୍ ସମୟରେ ସେ ନିଜ ବାପାଙ୍କୁ ଫୋନ୍ କରି ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଏକ ଅଟୋ ନେଇ ଅପେକ୍ଷା କରିବାକୁ କହିଥିଲେ । ଏହାପରେ ତାଙ୍କ ସାନ ଭାଇ ଜଗତସିଂହପୁରରୁ ଅଟୋ ନେଇ ଷ୍ଟେସନ୍‌ରେ ପହଞ୍ଚିଥିଲେ । କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ସୁଭଦ୍ରା କିମ୍ବା ଶିଶୁର କୌଣସି ସନ୍ଧାନ ମିଳିନଥିଲା । ପରେ ତାଙ୍କ ମୋବାଇଲ୍ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ହୋଇଯାଇଥିଲା । ଘଟଣା ପରେ ସୁଭଦ୍ରାଙ୍କ ସ୍ୱାମୀ ପ୍ରକାଶ ମଲ୍ଲିକ ବେଙ୍ଗାଲୁରୁ ସରକାରୀ ରେଳ ପୋଲିସ (ଏଜଚ) ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ଏପର୍ଯ୍ୟନ୍ତ ମା' ଓ ୯ ମାସର ଶିଶୁର କୌଣସି ଖୋଜଖବର ମିଳିନାହିଁ । ସେମାନେ କେଉଁଠି ଗଲେ, ଟ୍ରେନ୍‌ରୁ ଓହ୍ଲାଇଲେ କି ଅନ୍ୟ କୌଣସି ଘଟଣା ଘଟିଛି ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି ।

### ଡାହୁକ




-ବିଧୁ

ଗୁରୁବାର ୦୩ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Thursday September 03 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଶ୍ୱ ନଡ଼ିଆ ଦିବସରେ ଆମ ମାଟି, ଆମ ସମୁଦ୍ର ଓ ଆମ ଚାଷୀଙ୍କୁ ନୂଆ ପ୍ରତିଶ୍ରୁତି

ଆଜି ବିଶ୍ୱ ନଡିଆ ଦିବସ। ଏହି ଦିନଟି କେବଳ ଏକ ଫଳ, ଏକ ଗଛ କିମ୍ବା ଏକ କୃଷିଜାତ ଦ୍ରବ୍ୟକୁ ସ୍ମରଣ କରିବାର ଦିନ ନୁହେଁ, ଏହା ଆମ ମାଟିର ସ୍ମୃତି, ଆମ ଗାଁର ଅର୍ଥନୀତି, ଆମ ସମୁଦ୍ରତଟର ଜୀବନ, ଆମ ଚାଷୀଙ୍କ ଘାମ ଏବଂ ଆମ ପରମ୍ପରାର ଏକ ଅବିଚ୍ଛିନ୍ନ ଅଂଶକୁ ସମ୍ମାନ ଜଣାଇବାର ଅବସର। ଓଡିଶାର ଗାଁ ଦାଣ୍ଡରେ, ଘର ଅଗଣାରେ, ପୋଖରୀ କୂଳରେ, ମନ୍ଦିର ପରିସରରେ ଓ ସମୁଦ୍ର ପବନ ଛୁଇଁଥିବା ଉପକୂଳ ମାଟିରେ ନଡିଆ ଗଛ କେବଳ ଛାୟା ଦିଏ ନାହିଁ, ଏହା ଅନେକ ପରିବାରର ଜୀବନକୁ ଧରି ରଖିଛି। ନଡ଼ିଆର ପ୍ରତ୍ୟେକ ଅଂଶରେ ଅଛି ଉପଯୋଗ, ପ୍ରତ୍ୟେକ ଗଛରେ ଅଛି ଅର୍ଥନୈତିକ ସମ୍ଭାବନା ଏବଂ ପ୍ରତ୍ୟେକ ଚାଷୀଙ୍କ ଶ୍ରମରେ ଅଛି ଓଡିଶାର ଗ୍ରାମୀଣ ଭବିଷ୍ୟତର ଏକ ଚିତ୍ର। ନଡିଆ ପାଣି ତୃଷ୍ଣା ମେଂଟାଏ. ନଡିଆ ଖାଦ୍ୟର ସ୍ୱାଦ ବଢାଏ, ନଡ଼ିଆ ତେଲ ଘରୋଇ ଜୀବନର ଏକ ପୁରୁଣା ସାଥୀ, ଛଡ ଓ ପତ୍ର ଘରୋଇ କାମରେ ଲାଗେ, ଖୋଳରୁ ବିଭିନ୍ନ ଉପକରଣ ତିଆରି ହୋଇପାରେ ଏବଂ ଶୁଖିଲା ନଡ଼ିଆରୁ ବ୍ୟବସାୟର ଅନେକ ସମ୍ଭାବନା ଜନ୍ମ ନେଇଥାଏ। ଅର୍ଥାତ୍ ନଡ଼ିଆ ଗଛ ହେଉଛି ଏମିତି ଏକ ପ୍ରକୃତିର ଉପହାର, ଯାହାର ପ୍ରାୟ ପ୍ରତ୍ୟେକ ଅଂଶ ମଣିଷର ଜୀବନରେ କାମ ଆସେ। ଓଡିଶାର ସମୁଦ୍ରତଟ ଅଂଚଳରେ ନଡିଆ ଚାଷର ଗୁରୁତ୍ୱ ଆହୁରି ଅଧିକ। ବାତ୍ୟା ଆସେ, ଝଡ ଆସେ, ଲୁଣିଆ ପବନ ଆସେ, କେବେ ବର୍ଷାର ଅଭାବ ହୁଏ, କେବେ ଅତିବର୍ଷା ହୁଏ, ତଥାପି ନଡ଼ିଆ ଗଛ ଓଡିଆ ଚାଷୀଙ୍କ ଆଶାକୁ ଅନେକଥର ଧରି ରଖିଛି। ଏହି ଗଛ ଆମକୁ ଗୋଟିଏ ବଡ ଶିକ୍ଷା ଦିଏ-ପ୍ରକୃତି ସହ ଲଢି ନୁହେଁ, ପ୍ରକୃତି ସହ ସମନ୍ୱୟ କରି ଜୀବନ ଗଢିବାକୁ ହୁଏ। ଆଜି ବିଶ୍ୱ ନଡ଼ିଆ ଦିବସରେ ଆମେ ଯଦି କେବଳ ନଡ଼ିଆର ମହତ୍ୱ ବିଷୟରେ କଥା କହି ଘରକୁ ଫେରିଯାଉ, ତେବେ ଏହି ଦିବସର ମୂଳ ଉଦ୍ଦେଶ୍ୟ ଅଧୁରା ରହିଯିବ। ଆମକୁ ପଚାରିବାକୁ ହେବ-ନଡ଼ିଆ ଚାଷୀ, ଆଜି କେମିତି ଅଛନ୍ତି ? ତାଙ୍କ ଉତ୍ପାଦର ଯଥାର୍ଥ ମୂଲ୍ୟ ସେ ପାଉଛନ୍ତି କି ? ଗଛରେ ନଡିଆ ଫଳିବାରୁ ବଜାର ପର୍ଯ୍ୟନ୍ତ ଯିବା ରାସ୍ତାରେ ଚାଷୀଙ୍କ ହାତରେ କେତେ ଅର୍ଥ ରହୁଛି। ଉତ୍ପାଦନ ବଢାଇବା ପାଇଁ ଭଲ ଚାରା, ଜଳସେଚନ, ରୋଗ ନିୟନ୍ତ୍ରଣ ଓ ବୈଜ୍ଞାନିକ ପରାମର୍ଶ ସମୟରେ ମିଳୁଛି କି ? ଏହି ପ୍ରଶ୍ନଗୁଡିକର ଉତର ହିଁ ନଡ଼ିଆ ଚାଷର ଆଗାମୀ ଦିଗ ନିର୍ଣ୍ଣୟ କରିବ। ଓଡିଶାରେ ନଡ଼ିଆକୁ କେବଳ ଘରୋଇ ବ୍ୟବହାରର ଫଳ ଭାବେ ଦେଖିଲେ ଚାଲିବ ନାହିଁ। ଏହାକୁ ଗ୍ରାମୀଣ ଅର୍ଥନୀତିର ଏକ ଶକ୍ତିଶାଳୀ ଆଧାର କରାଯାଇପାରେ। ପଡ଼ିଆରୁ ତେଲ, ଶୁଖିଲା ନଡ଼ିଆ, ନଡିଆ ଦୁଗ୍ଧ, ନଡ଼ିଆ ଆଧାରିତ ଖାଦ୍ୟ, ଖୋଳରୁ ତିଆରି ଦ୍ରବ୍ୟ, ନଡ଼ିଆ ତନ୍ତୁରୁ ଦଉଡି ଓ ଅନେକ ହସ୍ତଶିଳ୍ପ ସାମଗ୍ରୀ ତିଆରି ହୋଇପାରେ। ଯଦି ଏହି ପ୍ରକ୍ରିୟା ଗାଁରେ ହିଁ ବିକଶିତ ହୁଏ, ତେବେ ଚାଷୀ କେବଳ କଂଚା ନଡ଼ିଆ ବିକ୍ରି କରିବେ ନାହିଁ, ସେ ନିଜ ଉତ୍ପାଦର ମୂଲ୍ୟ ବଢାଇ ଅଧିକ ଆୟ କରିପାରିବେ। ଏହା ସହିତ ସ୍ୱୟଂସହାୟକ ଗୋଷ୍ଠୀ, ଯୁବ ଉଦ୍ୟମୀ ଓ ଛୋଟ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ନୂଆ ରୋଜଗାର ସୃଷ୍ଟି ହୋଇପାରିବ। ଆଜି ଯେତେବେଳେ ଆମ ଯୁବପିଢି ଚାକିରି ପାଇଁ ଗାଁ ଛାଡି ସହରକୁ ଯାଉଛି, ସେତେବେଳେ ଗାଁର ମାଟିରେ ହିଁ ରୋଜଗାର ସୃଷ୍ଟି କରିବାର ଚିନ୍ତା ଆବଶ୍ୟକ। ନଡ଼ିଆ ଏହି ପରିବର୍ତନର ଏକ ସାଧନ ହୋଇପାରେ। କିନ୍ତୁ ଏଥିପାଇଁ ଚାଷୀଙ୍କୁ କେବଳ ଉତ୍ପାଦନ କରିବାକୁ କହିଲେ ହେବ ନାହିଁ, ବଜାର, ସଂରକ୍ଷଣ, ପରିବହନ ପ୍ରକ୍ରିୟାକରଣ ଓ ଯଥାର୍ଥ ମୂଲ୍ୟର ବ୍ୟବସ୍ଥା ମଧ୍ୟ କରିବାକୁ ହେବ। ନଡ଼ିଆ ଚାଷର ଆଉ ଏକ ବଡ ମହତ୍ୱ ହେଉଛି ପରିବେଶ। ଗଛ ମାଟିକୁ ଧରି ରଖେ। ସବୁଜିମା ବଢାଏ ତାପମାତ୍ରାର ପ୍ରଭାବ କମାଇବାର ସାହାଯ୍ୟ କରେ ଏବଂ ଉପକୂଳ ଅଂଚଳର ପରିବେଶକୁ ମଧ୍ୟ ସୁରକ୍ଷିତ ରଖିବାରେ ଭୂମିକା ନେଇପାରେ। ଜଳବାୟୁ ପରିବର୍ତନର ଏହି ସମୟରେ ଆମେ ଏମିତି କୃଷି ବ୍ୟବସ୍ଥା ଚାହୁଁଛୁ ଯାହା ଚାଷୀଙ୍କ ଆୟ ସହ ପ୍ରକୃତିର ସୁରକ୍ଷାକୁ ମଧ୍ୟ ଯୋଡିପାରିବ। ନଡ଼ିଆ ଗଛ ସେହି ସମ୍ଭାବନାର ଏକ ପ୍ରତୀକ। ଓଡିଶାର ବାତ୍ୟା ପ୍ରବଣ ଉପକୂଳ ଅଂଚଳକୁ ଦେଖିଲେ ଏହି ବିଷୟର ଗୁରୁତ୍ୱ ଆହୁରି ବଢିଯାଏ। ଆମେ ବାରମ୍ବାର ଦେଖୁଛୁ ପ୍ରକୃତିର ଭୟଙ୍କର ରୂପ କିପରି ଚାଷୀଙ୍କ ବର୍ଷକର ପରିଶ୍ରମକୁ କ୍ଷଣିକରେ ନଷ୍ଟ କରିଦିଏ। ତେଣୁ ନଡ଼ିଆ ଚାଷୀଙ୍କ ପାଇଁ ବୀମା, ଦ୍ରୁତ କ୍ଷତିପୂରଣ, ଉନ୍ନତ ଚାରା ଓ ବାତ୍ୟା ସହନଶୀଳ ଚାଷ ପ୍ରଣାଳୀକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଆମେ ଯଦି ନଡ଼ିଆକୁ ଓଡିଶାର ଗ୍ରାମୀଣ ଅର୍ଥନୀତିର ଏକ ମୁଖ୍ୟ ସମ୍ପଦ କରିବାକୁ ଚାହୁଁଛୁ, ତେବେ ଗବେଷଣା ଓ ନୂଆ ପ୍ରଯୁକ୍ତିକୁ ଗାଁ ପର୍ଯ୍ୟନ୍ତ ନେଇଯିବାକୁ ହେବ। ଚାଷୀଙ୍କୁ ତାଙ୍କ ଭାଷାରେ ବୈଜ୍ଞାନିକ ପରାମର୍ଶ ଦେବାକୁ ହେବ। ଗଛର ରୋଗ ଚିହ୍ନଟ, ଉତ୍ପାଦନ ବୃଦ୍ଧି, ଜଳ ପରିଚାଳନା ଓ ବଜାର ସୂଚନା ଯଦି ସମୟରେ ମିଳେ, ତେବେ ଚାଷୀଙ୍କ ଆୟ ବଢିପାରେ। ଏହା ସହିତ ଗାଁ ଗାଁରେ ନଡ଼ିଆ ଆଧାରିତ କ୍ଷୁଦ୍ର ଶିଳ୍ପ ଗଢି ଉଠିଲେ ଓଡିଶା ନିଜ ଉତ୍ପାଦକୁ ଅନ୍ୟ ରାଜ୍ୟ ଓ ବିଦେଶ ବଜାରକୁ ମଧ୍ୟ ନେଇଯାଇପାରିବ। ଏଠାରେ ଆମର ଚିନ୍ତା କେବଳ ରପ୍ତାନୀ ନୁହେଁ, ଆମର ଚିନ୍ତା ହେଉଛି ଚାଷୀଙ୍କ ହାତରେ ଅଧିକ ଅର୍ଥ ରହିବ। ମଧ୍ୟସ୍ଥଙ୍କ ଭୂମିକା କମିବା, ଚାଷୀଙ୍କ ସଂଗଠନ ମଜବୁତ ହେବା ଓ ସିଧାସଳଖ ବଜାର ସୁଯୋଗ ବଢିବା ଆବଶ୍ୟକ। ନଡ଼ିଆ ଆମ ସଂସ୍କୃତିରେ ମଧ୍ୟ ଅତ୍ୟନ୍ତ ପବିତ୍ର। ପୂଜାରେ ନଡ଼ିଆରେ ସ୍ଥାନ ଅଛି, ପର୍ବପର୍ବାଣୀରେ ଏହାର ବ୍ୟବହାର ଅଛି, ଅତିଥି ସତ୍କାରରେ ଏହାର ସ୍ମୃତି ଅଛି। ଏହି ଗଛ ଆମକୁ ଆମ ପରମ୍ପରା ସହ ଯୋଡି ରଖିଛି। କିନ୍ତୁ ପରମ୍ପରାକୁ କେବଳ ସ୍ମୃତିରେ ରଖିଲେ ହେବ ନାହିଁ, ତାହାକୁ ଆଗାମୀ ପିଢିର ଅର୍ଥନୈତିକ ଶକ୍ତିରେ ପରିଣତ କରିବା ଦରକାର। ଆଜିର ନଡ଼ିଆ ଦିବସରେ ତେଣୁ ଓଡିଶା ଗୋଟିଏ ନୂଆ ସଂକଳ୍ପ ନେଇପାରେ-ପ୍ରତ୍ୟେକ ଉପକୂଳ ଅଂଚଳରେ ନଡ଼ିଆ ଚାଷର ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ନଡ଼ିଆ ଆଧାରିତ ଗ୍ରାମୀଣ ଉଦ୍ୟୋଗ, ଯୁବ ରୋଜଗାର, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ପରିବେଶ ସୁରକ୍ଷାକୁ ଏକାଠି କରି ଏକ ଦୀର୍ଘମିଆଦି ଯୋଜନା ଗଢାଯାଉ। ସରକାର ଯୋଜନା କରିବେ, ବିଶେଷଜ୍ଞ ଜ୍ଞାନ ଦେବେ, ବଜାର ସହାୟତା ମିଳିବ, କିନ୍ତୁ ଏହି ଯାତ୍ରାର ମୁଖ୍ୟ ନାୟକ ହେବେ ଆମ ଚାଷୀ। ତାଙ୍କ ଶ୍ରମକୁ ସମ୍ମାନ ଦେବା ମାନେ ଓଡିଶାର ମାଟିକୁ ସମ୍ମାନ ଦେବା। ତାଙ୍କ ଆୟ ବଢାଇବା ମାନେ ଗାଁର ଅର୍ଥନୀତିକୁ ଶକ୍ତିଶାଳୀ କରିବା। ତାଙ୍କ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ମାନେ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା। ବିଶ୍ୱ ନଡିଆ ଦିବସରେ ଆମେ ତେଣୁ କେବଳ ନଡ଼ିଆ ଖାଇବା କିମ୍ବା ନଡ଼ିଆ ଗଛର ଗୁଣଗାନ କରିବାରେ ସୀମିତ ନ ରହିବା। ଆମେ ନଡ଼ିଆ ଚାଷୀଙ୍କ ଜୀବନକୁ ଦେଖିବା, ତାଙ୍କ ସମସ୍ୟାକୁ ଶୁଣିବା ଏବଂ ତାଙ୍କ ପରିଶ୍ରମକୁ ଯଥାର୍ଥ ମୂଲ୍ୟ ଦେବାର ଦାବି କରିବା। କାରଣ ନଡ଼ିଆ ଗଛର ଶିଖର ଆକାଶକୁ ଛୁଏଁ, କିନ୍ତୁ ତାହାର ମୂଳ ଆମ ମାଟିରେ। ଠିକ୍ ସେହିପରି ଓଡିଶାର ବିକାଶର ସ୍ୱପ୍ନ ଯେତେ ଉଚ୍ଚ ହେଉନା କାହିଁକି, ତାହାର ମୂଳ ଆମ ଗାଁ, ଆମ ଚାଷୀ ଓ ଆମ ପ୍ରକୃତିରେ ହିଁ ରହିବ। ନଡ଼ିଆ ଆମକୁ ଆଉ ଏକ ସନ୍ଦେଶ ଦିଏ-ଝଡ ଆସିଲେ ମଧ୍ୟ ମୂଳକୁ ଧରି ରଖିଲେ ଗଛ ପୁଣି ମୁଣ୍ଡ ଉଠାଇପାରେ ଓଡିଶା ମଧ୍ୟ ସେହି ନଡ଼ିଆ ଗଛ ପରି ପ୍ରତ୍ୟେକ ବିପଦ ପରେ ନୂଆ ଶକ୍ତିରେ ଠିଆ ହେଉ। ଆମ ଚାଷୀ ହସନ୍ତୁ, ଆମ ଗାଁ ସମୃଦ୍ଧ ହେଉ, ଆମ ଉପକୂଳ ସବୁଜ ରହୁ ଏବଂ ନଡ଼ିଆ ଗଛର ପ୍ରତ୍ୟେକ ଫଳରେ ଓଡିଶାର ଶ୍ରମର ଯର୍ଥାଥ ମୂଲ୍ୟ ଫେରିଆସୁ-ଏହି ହେଉ ବିଶ୍ୱ ନଡ଼ିଆ ଦିବସର ସବୁଠାରୁ ବଡ ସଂକଳ୍ପ। ଆଜି ଗୋଟିଏ ନଡ଼ିଆ ଗଛ ଲଗାଇବା କେବଳ ଗୋଟିଏ ଗଛ ଲଗାଇବା ନୁହେଁ, ଏହା ଆଗାମୀ ପିଢି ପାଇଁ ଛାୟା, ଖାଦ୍ୟ, ଆୟ, ସବୁଜିମା ଓ ଆଶାର ଚାରା ରୋପଣ। ଆସନ୍ତୁ, ଏହି ଦିବସରେ ଆମେ ଶପଥ ନେବା-ନଡ଼ିଆକୁ କେବଳ ପରମ୍ପରାର ପ୍ରତୀକ ନୁହେଁ, ଓଡିଶାର ଚାଷୀ, ଗାଁ ଓ ଭବିଷ୍ୟତର ସମୃଦ୍ଧିର ପ୍ରତୀକ କରିବା। ଆମ ମାଟି ବଂଚୁ, ଆମ ଚାଷୀ ହସୁ, ଆମ ନଡ଼ିଆ ବଢୁ-ଏହି ହେଉ ଓଡିଶାର ନୂଆ ସବୁଜ ସ୍ୱପ୍ନ।

# ମୁଡ଼ ଫ୍ରେଶ୍

## ଡକ୍ଟର ସୁରେଶ କୁମାର ନାୟକ

ଆଜିକାଲିର ପିଲାଙ୍କ କଥା ଭାବିଲା ବେଳକୁ ଅନେକ କଥା ସବୁ ଚିନ୍ତା କରିବାକୁ ପଡୁଛି। ପିଲାମାନଙ୍କର ମୁଡ୍ ବା ମାନସିକତା ସେମାନଙ୍କ ଜୀବନଚର୍ଯ୍ୟା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ପିଲାମାନଙ୍କ ଏହି ମୁଡ୍ ଫ୍ରେଶ୍ ସମ୍ପର୍କରେ କିଛି ଆଲୋଚନା ରଖିବା।

ସର୍ବପ୍ରଥମେ ଚିନ୍ତା କରନ୍ତୁ ପିଲାଟି ଭିତରେ କୌଣସି ଅସହଜପଣ, ମାନସିକ କଷ୍ଟ ବା ଥକ୍କା ପଣ ନାହିଁତ ? ସ୍କୁଲରୁ ଆସିଲା ପରେ ପିଲାକୁ କିଛି ସମୟ ବିଶ୍ରାମ ନେବାକୁ ଦିଅନ୍ତୁ। ଫ୍ୟାନ ଅନ୍ୟକରି କିଛି ସମୟ ବିଶ୍ରାମ ନେବାକୁ କୁହନ୍ତି। ଅଧା ଘଣ୍ଟା ପରେ ତାକୁ ଫ୍ରୁଟ୍ସ ଜୁସ କିମ୍ବା ଅନ୍ୟ କିଛି ଜଳଖିଆ ଖାଇବାକୁ ଦିଅନ୍ତୁ। ଆପଣ ପିଲାକୁ ଡ୍ରାଏ ଫ୍ରୁଟ୍ସକୁ ମଧ୍ୟ ଦେଇପାରିବେ। ଘରୋଇ ପ୍ରସ୍ତୁତ ବିଭିନ୍ନ ଗଜା କିମ୍ବା ଘରୋଇ ଖାଦ୍ୟ ସବୁଠାରୁ ଭଲ। ଘଣ୍ଟାଏ ପରେ ତାକୁ ହୋମଓ୍ୱାର୍କ କରିବାକୁ କୁହନ୍ତି। ପିଲାମାନେ ପାଠ ପଢ଼ିବା ସମୟରେ ମୋବାଇଲ, କମ୍ପ୍ୟୁଟର, ଲାପଟପ ଭଳି ଜିନିଷକୁ ଦୂରେଇ ରଖିବା ଦରକାର। ଏପରି କଲେ ପିଲାମାନେ ଖୁବଶୀଘ୍ର ହୋମଓ୍ୱାର୍କ ସାରିପାରିବ। ପିଲାକୁ କିଛି ସମୟ ରେଷ୍ଟ ନେବା ପାଇଁ କୁହନ୍ତୁ। ସେ ଶୋଇକି ଉଠିବା ପରେ ତାକୁ ବାହାରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ଖେଳିବାକୁ ଛାଡ଼ନ୍ତୁ। ପିଲାମାନଙ୍କ ପାଇଁ ଶାରୀରିକ ବ୍ୟାୟାମ, ଦୌଡ଼କୁଦ, ଯୋଗାସନ ବହୁତ ଭଲ କାମ କରିଥାଏ। ତେବେ ପିଲାଟିର ଏହି ସ୍ୱଳ୍ପ ସମୟକୁ ଆପଣ ବ୍ୟବସ୍ଥିତ ଭାବେ ପରିପୂର୍ଣ୍ଣ କରିପାରିବେ।

ପିଲାଟି ଭଲ ଭାବରେ ନିୟମିତ ସମୟ ଅବଧି ଭିତରେ ପ୍ରଚୁର ମାତ୍ରାରେ ପାଣି ପିଇବାକୁ ଦିଅନ୍ତୁ। ପିଲା ସ୍କୁଲରୁ ଆସିଲା ପରେ ତାଙ୍କୁ ପାଣି ପିଇବାକୁ ଦିଅନ୍ତୁ। ଏହାଦ୍ୱାରା ପିଲାର ମାଇଣ୍ଡ ଫ୍ରେସ ରହିବ ଏବଂ ଥକିବ ନାହିଁ। ଧ୍ୟାନ ରଖିବା ଉଚିତ ଯେ ପିଲାକୁ ମଝିରେ ମଝିରେ ପାଣି ପିଇବାକୁ କହିବା। ପାଣିଟି ବିଶୋଧିତ ହୋଇଥିବା ଜରୁରୀ ଏବଂ ସବୁଠାରୁ ଭଲ ସିଝାପାଣି। ତେବେ ଥଣ୍ଡାପାଣି ଓ କୋଲଡ୍ରିଙ୍ଗସ ଆଦୌ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ। ଏହାଦ୍ୱାରା ପିଲାର ବଡ଼ି ହାଇଡ୍ରେଟ ରହିବ ଓ ପିଲାକୁ ଥକା ଲାଗିବ ନାହିଁ। ପିଲାଙ୍କୁ କିଛି ସମୟ ରିଲାକ୍ସ କରିବା ପାଇଁ ତାକୁ ତାର ମନ ପସନ୍ଦର ବହି କିମ୍ବା କିଛି ଜିନିଷ ଦେଇପାରିବେ। ଟିଭି ଶୋ ମାଧ୍ୟମରେ କିଛି ସମୟର ରିଲାକ୍ସ ଦେଇପାରିବେ। ଏସବୁ ମାଧ୍ୟମରେ ପିଲମାନେ ମୁଡ଼ ଫ୍ରେଶ୍ ରଖିପାରିବେ।

ଅନେକ ସମୟ ପିଲାମାନେ ନିଜକୁ ଏକଲାପଣ ଅନୁଭବ କରନ୍ତି, ନିଜକୁ ଏକୁଟିଆ ଓ ନିଃସଙ୍ଗ ଭାବନ୍ତି ତେଣୁ ପିଲାଟି ସହିତ ମିଶି କଥା ହୁଅନ୍ତୁ। ଏହା ବ୍ୟତୀତ ନିଜ ପିଲାକୁ ପାଖରେ ବସାଇ କିଛି ସମୟ ତା ସହିତ କଥାବାର୍ତ୍ତା ହୁଅନ୍ତୁ। ଯଦି ଆପଣଙ୍କ ପିଲା ଅଧିକ ପରିମାଣରେ ମୋବାଇଲ ବ୍ୟବହାର କରୁଥାଏ ତେବେ ତାକୁ ମୋବାଇଲ ଫୋନ ଦେବା ବନ୍ଦ କରି ଦିଅନ୍ତୁ। ତା'ସହିତ କିଛି ସମୟ କାଟିଲେ କିମ୍ବା ପଢ଼ାପଢ଼ି ପାଇଁ ବହି ବା ପତ୍ରିକା ଦେଲେ ସେ ମୋବାଇଲ ଠାରୁ କିଛି ସମୟ ଦୂରେଇ ପାରିବ। ସ୍କୁଲରୁ ଆସିଲା ପରେ ପିଲାକୁ ଖିଆପିଆ ଓ ଅନ୍ୟ କାମରେ ବ୍ୟସ୍ତ କରାନ୍ତୁ। କିଛି ଘରକାମ କରାଇବା ବାହାନାରେ ପିଲାଙ୍କୁ ଅନ୍ୟ ମନସ୍କ କରାଇ ଭୁଲାଇ ଦିଅନ୍ତୁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ପିଲାଟିର ସୁନିଦ୍ରା। ମନେ ରଖନ୍ତୁ ଧ୍ୟାନ ରଖନ୍ତୁ ଯେ ପ୍ରତ୍ୟେକ ପିଲକୁ ୭-୮ ଘଣ୍ଟା ଶୋଇବା ନିହାତି ଆବଶ୍ୟକ। ଆପଣ ଚାହିଁଲେ ତାକୁ ଶୀଘ୍ର ଉଠାଇ ବ୍ୟାୟାମ ଆଦି କରାଇପାରିବେ। ଏହାଦ୍ୱାରା ଚିନ୍ତାଗ୍ରସ୍ତ କିମ୍ବା ଥକ୍କା ଅନୁଭବ କରିବେନି। ବେଳେ ବେଳେ ମାତାପିତା ତାଙ୍କ କଥା କୁହନ୍ତି ହେଲେ ପିଲା କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଏହା ବ୍ୟତୀତ ମାତାପିତାଙ୍କୁ ପିଲାର କଥା ଶୁଣିବା ମଧ୍ୟ ଜରୁରୀ। ଏହାଦ୍ୱାରା ପ୍ୟାରେଣ୍ଟସ୍ ଭଲ ଭାବେ ପିଲାର ମନକଥା ବୁଝିପାରିବେ। ଯେଉଁ ପିଲାମାନେ ଭଲ ଭାବେ ଶୋଇନଥାନ୍ତି ଶ୍ରେଣୀରେ ପାଠପଢ଼ିବା ସମୟରେ ଏହାର ପ୍ରଭାବ ପଡ଼ିଥାଏ। କହିବାକୁଗଲେ ପିଲାମାନଙ୍କର କିଛି ମୁଡ଼ ନଥାଏ। ଏ ସବୁ ହେଉଛି ସେମାନଙ୍କର ଜୀବନ ଅତି ସୁନ୍ଦର ସମୟ ଗୁଡ଼ିକର ଅନୁଭୂତି। ଆପଣ ଯେଉଁପରି ପିଲାଟିକୁ ଆଗେଇ ନେବେ ତାର ମୁଡ଼ ଠିକ ସେହିପରି ହେବ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୫୯୨
ର-ଙ୍କବସକ୍ଷ : ଷ୍ଟ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଞ୍ଜ

# ଖାଦ୍ୟ ଖାଇଲା ପରେ ପଟେ ଯନ୍ତ୍ରଣା ହେଉଥିଲେ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏବେ ତ ବର୍ଷାଦିନ, ବର୍ଷାଦିନରେ କମ ଭୋକ ଲାଗିଥାଏ। ତେବେ ଯେଉଁମାନଙ୍କର ଖାଦ୍ୟ ରୁଚି ଆଗ୍ରହ ଅଧିକ ସେମାନଙ୍କ ପାଇଁ ସବୁବେଳେ ଖାଇବା ହିଁ ବଡ଼ ଗୁରୁତ୍ୱ ରଖିଥାଏ। ଖରାବେଳ କିମ୍ବା ରାତି ଭୋଜନ କରିସାରିବା ପରେ ପ୍ରାୟତଃ ଶରୀରରେ ଆଳସ୍ୟ ଅନୁଭବ ହୋଇଥାଏ। ସେହିପରି ଅନେକ କ୍ଷେତ୍ରରେ ଖାଇ ସାରିବା ପରେ କିଛି ଲୋକଙ୍କର ପେଟ ଯନ୍ତ୍ରଣା କିମ୍ବା ଛାତି ଜ୍ୱଳନ ହୋଇଥାଏ। ଏସବୁ ଲକ୍ଷଣକୁ ଅଣଦେଖା କରନ୍ତୁ ନାହିଁ। ଏହି ସବୁ ଲକ୍ଷଣ ପିତ୍ତକୋଷ ପଥୁର, ପେଟ ଅଲସର ବା ଫୁଡ ପଏଜନିଂ ଭଳି ଗମ୍ଭୀର ସମସ୍ୟାର କାରଣ ହୋଇପାରେ। ତେଣୁ ଏଭଳି ଯନ୍ତ୍ରଣାକୁ ସାମାନ୍ୟ ଭାବି ଚୁପ ରୁହନ୍ତୁ ନାହିଁ। ବରଂ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ଆସନ୍ତୁ ସର୍ବପ୍ରଥମେ ଜାଣିବା କାହିଁକି ଯନ୍ତ୍ରଣା ହୁଏ ? ପ୍ରଥମ କଥା ହେଉଛି ଅଧିକ ମାତ୍ରାରେ ଖାଦ୍ୟ ଖାଇବା ଦ୍ୱାରା, ଖାଦ୍ୟକୁ ଶୀଘ୍ର ଶୀଘ୍ର ଖାଇବା ଦ୍ୱାରା, ଛଣାଛଣି ଖାଦ୍ୟ ତଥା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା ହୋଇପାରେ। ସେହିପରି ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ କିମ୍ବା ଭଲଭାବେ ପାଚନ ହୋଇନଥିବା ଗରିଷ୍ଠ ଖାଦ୍ୟ କାରଣରୁ ମଧ୍ୟ ପେଟ ଯନ୍ତ୍ରଣା ହୋଇଥାଏ। ବାସିଖାଦ୍ୟ, ଫ୍ରିଜ୍‌ରେ ଥିବା ଥଣ୍ଡା ଖାଦ୍ୟ, ଆମିଷ ଖାଦ୍ୟ ଏବଂ ଖାଦ୍ୟ ସହିତ ମଦ୍ୟପାନ ମଧ୍ୟ ପେଟ ଯନ୍ତ୍ରଣାର ଅନ୍ୟ ଏକ କାରଣ। ସେହିପରି ଦୀର୍ଘ ସମୟ ଭୋକରେ ରହିଥିବା ଲୋକ ହଠାତ୍ ଅତ୍ୟଧିକ ଖାଦ୍ୟ ଖାଇଲେ ଏହା ମଧ୍ୟ ପେଟ ଯନ୍ତ୍ରଣାର କାରଣ ହୋଇଥାଏ। ସେହିପରି ଆଉ କିଛି ଖାଦ୍ୟ ରହିଛି ଯାହାକୁ ସମାନ ଖାଦ୍ୟ ସହିତ ମିଶାଇ ଖାଇବା କଥା ଅନୁଚିତ। ଏ ଖାଦ୍ୟକୁ ଖାଇଲେ ମଧ୍ୟ ପେଟ ଯନ୍ତ୍ରଣା ହୋଇଥାଏ। ଖାଦ୍ୟ ସହିତ ବଜାରରେ ବିକ୍ରି ହେଉଥିବା କୋଲଡ୍ରିଙ୍କସ୍ ସେ ମଧ୍ୟ ଏକ କାରଣ।

ସ୍ୱଭାବିକ ଭାବେ ପ୍ରଶ୍ନ ଉଠେ କେଉଁ ରୋଗର ସଙ୍କେତ ? ଖାଦ୍ୟ ଖାଇବା ପରେ ପେଟ ଯନ୍ତ୍ରଣା ହେଉଥିଲେ ନିମ୍ନ ଲିଖିତ ରୋଗ ହେବାର ଆଶଙ୍କା ରହିଥାଏ। ସେଗୁଡ଼ିକ ହେଲା ପିତ୍ତାଶୟ ପଥୁରୀ । ତେଲ ଓ ମସଲାଯୁକ୍ତ ଖାଦ୍ୟ ଅଧିକ ଖାଇଲେ ପିତ୍ତାଶୟ



ପଥୁରୀ ବା ଷ୍ଟୋନ ହେବାର ଆଶଙ୍କା ଥାଏ। ଏଥିରେ ଭୋଜନ ପରେ ପେଟର ଡାହାଣ ଭାଗରେ ଅଧିକ ଯନ୍ତ୍ରଣା ହୁଏ।

ସେହିପରି ଅନ୍ୟ ଏକ କାରଣ ହେଲା ଫୁଡ ପଏଜନିଂ। ଅନେକଙ୍କ ଠାରେ ଦେଖାଯାଏ ପେଟ ଯନ୍ତ୍ରଣା ସହିତ ବାନ୍ତି, ତରଳ ଝାଡ଼ା, ଥଇ ଆସିବା ଓ ଜ୍ୱର ଭଳି ସମସ୍ୟା ରହିଥିଲେ ଫୁଡ ପଏଜନିଂ ହୋଇଛି ବୋଲି ଜାଣନ୍ତୁ। ସେହିପରି ଅନ୍ୟଏକ ପେଟ ସମସ୍ୟା ହେଉଛି ଅଲସର। ଖାଦ୍ୟ ଖାଇବା ପରେ ପେଟ ଜ୍ୱଳନ ହେଲେ ଅଲସର ହେବାର ଆଶଙ୍କା ରହିଥାଏ। ଆମ ଶରୀରର ବିଶେଷକରି ପେଟ ଭିତରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟି ହେଉଛି ଅଗ୍ନାଶୟ। ଖାଇବା ପରେ ପେଟର ଉପରି ଭାଗରେ ଯନ୍ତ୍ରଣା ହୋଇ ପିଠି ପର୍ଯ୍ୟନ୍ତ ଅନୁଭବ ହେଲେ ଅଗ୍ନାଶୟ ସମସ୍ୟା ଥାଇପାରେ। ଆଉ ଏକ ପେଟ ସମସ୍ୟା ହେଉଛି ଫୁଡ ଇଣ୍ଟାଲରେନ୍ସ। ଯଦି ଶରୀରର କୌଣସି ସାଧାରଣ ଖାଦ୍ୟ ଯେପରି ପନିପରିବା ଓ କମ ମସଲାଯୁକ୍ତ ଖାଦ୍ୟ ହଜମ ହେଉନାହିଁ, ତେବେ ଏହା ଫୁଡଇଣ୍ଟାଲରେନ୍ସର ଲକ୍ଷଣ ହୋଇପାରେ।

ଆସନ୍ତୁ ଚିନ୍ତା କରିବା ଯେ ଏହାର ନିରାକରଣ କ'ଣ ? ସୁଷମ ଖାଦ୍ୟ ଖାଆନ୍ତୁ, ସବୁବେଳେ ଘରୋଇ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ, ବଜାର ଖାଇବା, ଆମିଷ ଖାଦ୍ୟ ଠାରୁ ଦୂରେଇବା ଖୁବ ଭଲ। ବିଶୋଧିତ ପାଣି ପିଅନ୍ତୁ, ନଖ ଉଷୁମ ପାଣି ସବୁ ଠାରୁ ଭଲ। ସେହିପରି ପେଟ ଫମ୍ପା ଓ ଯନ୍ତ୍ରଣା କିମ୍ବା ଛାତି ଜ୍ୱଳନ ହେଉଥିଲେ ଅଦା ଓ ଲୁଣ ଚୋବାଇ ନଖ ଉଷୁମ ପାଣି ପିଅନ୍ତୁ। ଖାଇ ସାରିବା ପରେ ୧୦-୧୫ ମିନିଟ ହାଲକା ଚାଲନ୍ତୁ। କୌଣସି ପରିସ୍ଥିତିରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନ ନେଇ ମନଇଚ୍ଛା ଆଣ୍ଟାସିଡ଼, ଯନ୍ତ୍ରଣା ଉପଶମକାରୀ କୌଣସି ଔଷଧ ଖାଆନ୍ତୁ ନାହିଁ। ସେହିପରି କୌଣସି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ମଧ୍ୟ ଏହି ସମସ୍ୟା ଦେଖାଦେଇପାରେ। ଶରୀର ଅଛି ଅର୍ଥ ଜୀବନ ନିର୍ବାହ ପାଇଁ ଖାଦ୍ୟର ଜରୁରୀ ଆବଶ୍ୟକତା ରହିଛି। କିନ୍ତୁ ଖାଦ୍ୟ ପାଇଁ ମଣିଷ ଆଦୌ ଅତ୍ୟଧିକ ଗୁରୁତ୍ୱ ବା ଆଗ୍ରହ ରଖିବା ଅନୁଚିତ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଗଡ଼ଗଡ଼ିଆ ଘାଟ

## ବିକ୍ରମ ମହାପାତ୍ର

ମହାନଦୀର କୂଳରେ ଗଡ଼ଗଡ଼ିଆ ଘାଟ। ଏହି ଘାଟକୁ ଛୁଇଁଛି ମହାନଦୀ ରିଂ ରୋଡ଼। ଏମିତିରେ ଦେଖିଲେ ପୃଥିବୀର ଯେଉଁ ଯେଉଁ ଦେଶ ଭ୍ରମଣ କରିବାର ସୁଯୋଗ ପାଇଛି ଅନେକ କ୍ଷେତ୍ରରେ ଅନେକ ସହର ନଦୀ, ଉପତ୍ୟକାକୁ ସମୃଦ୍ଧ କରିଛି। ଉଦାହରଣ ବଶତଃ ଟାଇଗ୍ରୀସ, ୟୁଫ୍ରେଟିସ ନଦୀ କୂଳରେ ମେସୋପୋଟାମିଆ ସଭ୍ୟତା, ନୀଳନଦୀ କୂଳରେ ମିଶର ସଭ୍ୟତା, ଟେମସ୍ ନଦୀ କୂଳରେ ଲଣ୍ଡନ, ଟାଇବର ନଦୀ କୂଳରେ ରୋମ ଆମ ଭାରତ କଥା ଦେଖିଲେ ଗଙ୍ଗାନଦୀ କୂଳରେ ବାରଣାସୀ ଠାରୁ କୋଲକାତା ଓ ପାଟଣା ସହର ସମୃଦ୍ଧ ଓ ବିତ୍ତଶାଳୀ ମଧ୍ୟ। ମାଦଳା ପାଞ୍ଜି ତଥା ବିଭିନ୍ନ କିମ୍ବଦନ୍ତୀ ତଥା ଜନକଥାକୁ ଦେଖିଲେ ୯୮୯ ଖ୍ରୀଷ୍ଟାବ୍ଦରେ କଟକ ନଗରକୁ ସୋମବଂଶୀ ନୃପକେଶରୀ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ସହରକୁ ବନ୍ୟା ବିପର୍ଯ୍ୟୟରୁ ବଞ୍ଚାଇବା ପାଇଁ ମର୍କତକେଶରୀ ୧୦୦୬ ଖ୍ରୀଷ୍ଟାବ୍ଦରେ କେବଳ କାଠଯୋଡ଼ିପଥର ବନ୍ଧ ନୁହେଁ ବରଂ ମହାନଦୀର କୂଳରେ ଅନେକ ନଦୀଘାଟ ସ୍ଥାପନ କରିଥିଲେ। ଅନଙ୍ଗଭୀମ ଦେବ ୧୨୦୯ ଖ୍ରୀଷ୍ଟାବ୍ଦରେ ଇତିହାସ ପ୍ରସିଦ୍ଧ ବାରବାଟୀ ଦୁର୍ଗ ସ୍ଥାପନ କରିଥିଲେ।

ମହାନଦୀର ଶାଖା ନଦୀ କାଠଯୋଡ଼ିର କୂଳରେ ଚହଟାଘାଟ, ଗଣେଶଘାଟ, ଦେବୀଗଡ଼ା, ଫୁଲଘାଟ, ଖାନନଗର ଘାଟ ନିର୍ମାଣ ହୋଇଛି। ସେହିପରି ଅପରପଟକୁ ଦେଖିଲେ ମହାନଦୀର କୂଳେ କୂଳେ ଚହଟା, ମାତାମଠ, ଯୋଗ୍ରାଘାଟ ଓ ଫାଶୀ ଦିଆବର ଘାଟ ସବୁ ରହିଛି। ଏକଦା କାଠଯୋଡିରେ ବ୍ରିଜ ତିଆରି ହୋଇନଥିବାରୁ ଫ୍ୟାରେଦ ରୋଡ଼ରେ ଲୋକ ଯିବା ଆସିବା କରୁଥିଲେ। ଏକଦା ଆଜି ଯେଉଁଠି ଗଡ଼ଗଡ଼ିଆ ଘାଟ ରହିଛି ଏହି ଅଞ୍ଚଳଟି ଘଞ୍ଚ ଜଙ୍ଗଲ ଓ ଶ୍ୱାପଦ ଶଙ୍କୁଳ ଥିଲା। ଏହି ଗଡ଼ଗଡ଼ିଆ ଘାଟରୁ ହିଁ ଘାଟ ଡଙ୍ଗା ଦ୍ୱାରା ବିଦେଶରୁ ଅନେକ ଜିନିଷ କଟକକୁ ଓ କଟକ ସହରରୁ ପାରାଦ୍ୱୀପକୁ ବାଣିଜ୍ୟ କାରବାର ହେଉଥିଲା। ବର୍ତ୍ତମାନର କାଳର କରାଳ ଗର୍ଭରେ ଓ ନଦୀର ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଏହି ଘାଟଟି କେବଳ ସ୍ମୃତିରେ ସ୍ମାରକୀ ହୋଇରହିଛି। ଉତ୍କଳ ନୌବାଣିଜ୍ୟର ପ୍ରସିଦ୍ଧ ଘାଟଟି ଏହା ହିଁ ଥିଲା। ତେବେ ଏହାର ନାମ ଗଡ଼ଗଡ଼ିଆ ହୋଇଥିବା ସମ୍ପର୍କରେ ଅନେକ ଭିନ୍ନ ଭିନ୍ନ କାହାଣୀ ସବୁ ଶୁଣାଯାଏ। କେହି କେହି କୁହନ୍ତି ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ନଦୀବନ୍ଧରୁ ଗଡ଼ି ଗଡ଼ି ଏହି କ୍ଷେତ୍ରରେ ପହଞ୍ଚିଥିଲେ। ଅନ୍ୟ ଏକ ତଥ୍ୟ ମୁତାବକ ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ କୁମାର ପୂର୍ଣ୍ଣିମା ଦିନ ଗଡ଼ଗଡ଼ିଆ ଘାଟରେ ପଦାର୍ପଣ କରିଥିଲେ। ଅନ୍ୟ କେତେକ କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ରାଜା ପ୍ରତାପରୁଦ୍ର ଦେବ ବାରବାଟୀ ଦୁର୍ଗରେ ରହୁଥିବା ସମୟରେ ଦୁର୍ଗ ବା ଗଡ଼ର ରକ୍ଷା ନିମିତ୍ତ ଗଡ଼ଗଡ଼େଶ୍ୱରଙ୍କୁ ସ୍ଥାପନ କରିଥିଲେ। ସେ ହେଉଛନ୍ତି ଗଡ଼ଗଡ଼େଶ୍ୱର ମହାଦେବ। ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି- 'ଗଡ଼ଗଡ଼ିଆ ମହାଦେବ ସେ ଦିନ ବାହାର ହୋଇବ। ବୁଲିଦେଖ ଗଡ଼ଗଡ଼ିଆ ବେଙ୍ଗ, ଦେଉଳ ଉପରେ ଦେଉଳ ଗଙ୍ଗା।'



ଗଡ଼ଗଡ଼ିଆ ସହିତ ଅନ୍ୟ ଏକ ସମ୍ପର୍କ ହେଉଛି ବାଲିଯାତ୍ରା। ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଦିନ ମହାନଦୀ କୂଳରେ ଗଡ଼ଗଡ଼େଶ୍ୱର ମହାଦେବଙ୍କ ଆସ୍ଥାନ ସ୍ଥଳୀ ସାମ୍ନାରେ ବାଲିଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଦିନ ଥିଲା ଉତ୍କଳର ସାଧବ ପୁଅ ନୌବାଣିଜ୍ୟରେ ଜାଭା ଠାରୁ ବାଲି, ସିଂହଳ ଠାରୁ ବ୍ରହ୍ମଦେଶ, ସୁମାତ୍ରା ଠାରୁ କାମ୍ବୋଡ଼ିଆ ପର୍ଯ୍ୟନ୍ତ ନିଜ ବେପାର ବାଣିଜ୍ୟ କରୁଥିଲେ। ଗଡ଼ଗଡ଼ିଆଘାଟ ଠାରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ଉତ୍କଳୀୟ ଚେତନାକୁ ଜାଗରିତ ଓ ସ୍ମରଣୀୟ କରିଥାଏ। ଅତୀତ ଗୌରବକୁ ସ୍ମରଣ କରିବା ଲାଗି ପୁଣ୍ୟ କାର୍ତ୍ତିକ ପୂର୍ଣ୍ଣିମାର ପ୍ରଭାତରେ ନଦୀ ପୁଷ୍କରିଣୀରେ ଓଡ଼ିଆମାନେ କଦଳୀ ପଟୁଆ ବା କାଗଜର ନୌକା ଭସାଇ ଅତୀତର ସ୍ମୃତିକୁ ମନେପକାଉଛୁ। ଗଡ଼ଗଡ଼େଶ୍ୱର କେବଳ କଟକର ନୁହେଁ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ। ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ମାନସିକଧାରୀ ଓ ଶିବଭକ୍ତମାନେ ଶ୍ରାବଣରେ ବୋଲବମ୍ ଜଳାଭିଶେକ କରିଥାନ୍ତି।

ଆଜି ଗଡ଼ଗଡ଼ିଆ ଘାଟ ଆଉ ପୂର୍ବରୁ ସ୍ମୃତି ହୋଇନଥିଲେ ବି ଏହି କ୍ଷେତ୍ରର ଅନେକ ଉନ୍ନତି ଓ ବିଭିନ୍ନ ଯୋଜନା ସବୁ ହାତକୁ ନିଆଯାଇଛି। ମନ୍ଦିରର ଏକ ପ୍ରକାର ନବକଳେବର ହୋଇଛି ଏବଂ ପ୍ରତିବର୍ଷ ବାଲିଯାତ୍ରା ସମୟରେ ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ଭକ୍ତଜନ ପ୍ରାର୍ଥନା କରି ଆନନ୍ଦ ଉଲ୍ଲାସରେ ସାମିଲ ହୋଇଥାନ୍ତି। ବିଭିନ୍ନ ବିବାହ ବ୍ରତ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହେଉଛି ଏବଂ ସର୍ବୋପରି କହିବାକୁଗଲେ କଟକିଆଙ୍କ ସ୍ମୃତିରେ ଗଡ଼ଗଡ଼ିଆ ଚିରକାଳ ପାଇଁ ସ୍ମରଣୀୟ ସ୍ମାରକୀ ହୋଇରହିବ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫
E-mail :
abhisekmohapatra1999@gamil.com



# ୧୦ ଦିନରେ ଗୋଟିଏ ପରିବାରର ୪ ଶିଶୁଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା ସଇସପୁରା ଅଞ୍ଚଳରେ ଶୋକାକୂଳ ପରିବେଶ। ମାତ୍ର ୧୦ ଦିନ ମଧ୍ୟରେ ଗୋଟିଏ ପରିବାରର ୩ ଭାଇଙ୍କ ସମେତ ୪ ଜଣ ଶିଶୁଙ୍କ ସନ୍ଦିଗ୍ଧ ରୋଗରେ ମୃତ୍ୟୁ ଘଟିଛି। ସମସ୍ତଙ୍କଠାରେ ପ୍ରାୟ ସମାନ ଲକ୍ଷଣ ଦେଖାଯାଇଥିଲା। ପ୍ରବଳ ଜ୍ୱର, ପେଟରେ ଅସହ୍ୟ ଯନ୍ତ୍ରଣା, ବାନ୍ତି-ଝାଡ଼ା ସହ ଧୀରେ ଧୀରେ ଶରୀରର ଏକାଧିକ ଅଙ୍ଗ ଅକାମୀ ହୋଇଯିବା ଭଳି ଲକ୍ଷଣ ଦେଖା ଦେଇଥିଲା। ପ୍ରାଥମିକ ପରୀକ୍ଷାରୁ ମୃତ ଶିଶୁମାନଙ୍କ ମଧ୍ୟରୁ କେହି ହେଲେ ମ୍ୟାଲେରିଆ, ଡେଙ୍ଗୁ କିମ୍ବା କୋଭିଡରେ ଆକ୍ରାନ୍ତ ନଥିଲେ। ଏହା ସତ୍ତ୍ୱେ ବି ହଠାତ ଶିଶୁମାନଙ୍କ ମୃତ୍ୟୁ କାହିଁକି ହେଲା ଏବେ ବି ତାହା ରହସ୍ୟ ହୋଇ ରହିଛି। ସୂଚନାଯୋଗ୍ୟ, ପ୍ରଥମେ ୧୪ ବର୍ଷୀୟ ତାହିର ଖାନଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମାମୁଁଙ୍କ ୧୯ ବର୍ଷୀୟ ପୁଅ ଅୟାଜଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ପରିବାରର ଅନ୍ୟ ଦୁଇ ଶିଶୁ ତାରୁଫ୍ (୧୧) ଓ ତାସିଫ୍ (୯) ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟ ବିଭାଗ ପୀଡ଼ିତ ପରିବାରକୁ ନଜରରେ ରଖିଛି। ଅଞ୍ଚଳରେ ସର୍ଭେ ଓ ପରୀକ୍ଷା ଆରମ୍ଭ କରାଯାଇଛି। ଡେଙ୍ଗୁ



ଲାର୍ଭା ସର୍ଭେରେ ମଧ୍ୟ ଏପର୍ଯ୍ୟନ୍ତ ଲାର୍ଭା ମିଳିନାହିଁ। ଅନ୍ୟ ଲୋକଙ୍କ ମଧ୍ୟରେ ଏଭଳି ଲକ୍ଷଣ ନଥିବାରୁ ବ୍ୟାପକ ସଂକ୍ରମଣର ଆଶଙ୍କା କମ୍ ଥିବା ଅଧିକାରୀମାନେ କହିଛନ୍ତି। ମୃତ ଶିଶୁମାନଙ୍କ ଚିକିତ୍ସା ସମ୍ପର୍କିତ ରିପୋର୍ଟ ଓ କେସ୍ ହିଷ୍ଟ୍ରି ସଂଗ୍ରହ କରାଯାଉଛି। ଏହି ରିପୋର୍ଟକୁ ବିଶେଷଜ୍ଞମାନେ ଯାଞ୍ଚ କରିବା ସହ ଘଟଣାର ପ୍ରକୃତ କାରଣ ଖୋଜୁଛନ୍ତି। ମାମଲାର ସମ୍ପୂର୍ଣ୍ଣ ରିପୋର୍ଟ ଭୋପାଳସ୍ଥିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ପଠାଯାଇଛି।

# ସେନସେକ୍ସ-ନିଫ୍ଟି କ୍ରାସ୍

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ବୁଧବାର ସକାଳ ଭାରତୀୟ ଷ୍ଟକ୍ ବଜାର ପାଇଁ ଏକ ବିପର୍ଯ୍ୟୟପୂର୍ଣ୍ଣ ଖବର ଆଣିଛି। କାରବାରର ପ୍ରଥମ କିଛି ମିନିଟ୍ ମଧ୍ୟରେ ନିବେଶକମାନେ ବହୁ କ୍ଷତି ସହିଛନ୍ତି। ସେନସେକ୍ସ ପ୍ରାୟ ୭୦୦ ପଏଣ୍ଟ ହ୍ରାସ ପାଇଛି। ସେହିପରି ନିଫ୍ଟି ୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି। ଏହି ବଡ଼ ପରିବର୍ତ୍ତନ କୌଣସି ଘରୋଇ କାରଣ ଯୋଗୁଁ ନୁହେଁ, ବରଂ ଆମେରିକା ଏବଂ ଇରାନ ମଧ୍ୟରେ ହଠାତ୍ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ହୋଇଛି। ଦୁଇ ଦେଶ ମଧ୍ୟରେ ରାତିସାରା ହୋଇଥିବା ଆକ୍ରମଣ ବିଶ୍ୱ ଆର୍ଥିକ ବଜାରକୁ ଦୋହଲାଇ ଦେଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ପ୍ରଶାସନ ନିଶ୍ଚିତ କରିଛି ଯେ ସେମାନେ ରାତାରାତି ଇରାନରେ ସାମରିକ ଘାଟି ଉପରେ ଅନେକ ବିମାନ ଆକ୍ରମଣ କରିଛନ୍ତି। ଇରାନ ଏହାର ଜବାବରେ ପ୍ରତିଶୋଧ ନେଇଛି। ଏହି ଆକ୍ରମଣଗୁଡ଼ିକ ବିଶ୍ୱବ୍ୟାପୀ ଆର୍ଥିକ ବଜାରକୁ ପ୍ରଭାବିତ କରିଛି। ଭୟର ଏହି ଆନ୍ତର୍ଜାତୀୟ ପରିବେଶ ନିବେଶକଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛି। ଫଳସ୍ୱରୂପ, ଏସୀୟ ବଜାରଗୁଡ଼ିକରେ ମଧ୍ୟ କାରବାର ହ୍ରାସ ପାଇବା ଆରମ୍ଭ କରିଛି। ବଜାର ଖୋଲିବା ପୂର୍ବରୁ କାରବାରରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଅନୁମାନ କରାଯାଉଥିଲା। ପ୍ରାକ-ଓପନିଂ ଅଧିବେଶନରେ ସେନସେକ୍ସ ୫୪୦ ପଏଣ୍ଟ ହ୍ରାସ ପାଇ ୭୬,୩୯୭.୨୪ରେ ପହଞ୍ଚିଥିଲା। ସେହିପରି ନିଫ୍ଟି ୨୦୩ ପଏଣ୍ଟ ହ୍ରାସ ପାଇ ୨୩,୮୫୨.୦୫ରେ କାରବାର କରିଥିଲା। ଯୁଦ୍ଧ ଯୋଗୁଁ ଶକ୍ତି ବଜାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ରାତାରାତି ୨ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୯୬.୬ ଡଲାରରେ ପହଞ୍ଚିଛି, ଯାହା ଛଅ ସପ୍ତାହ ମଧ୍ୟରେ ସର୍ବୋଚ୍ଚ ସ୍ତର। ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ବିଶ୍ୱ ଶକ୍ତି ଯୋଗାଣକୁ ବାଧା ଦେବାର ଆଶଙ୍କା ସୃଷ୍ଟି କରିଛି।

### ୟୁକ୍ରେନରେ ରୁଷ୍‌ର କ୍ଷେପଣାସ୍ତ୍ର ମାଡ

# ତେଲଙ୍ଗାନାର ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ୟୁକ୍ରେନ୍ ଓ ରୁଷ୍ ମଧ୍ୟରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ଏବେ ଜଣେ ଭାରତୀୟଙ୍କ ଜୀବନ ନେଇଛି । ୟୁକ୍ରେନରେ ରୁଷ୍‌ର କ୍ଷେପଣାସ୍ତ୍ର ଆକ୍ରମଣରେ ତେଲଙ୍ଗାନାର ଜଣେ ୪୨ ବର୍ଷୀୟ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଭାରତୀୟ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତିଙ୍କୁ ତେଲଙ୍ଗାନା ଜଗତିଆଲ ଜିଲ୍ଲା ହୁସନାବାଦ ଗାଁର ବାସିନ୍ଦା ଭାଡିଲାଲା ସୁଦର୍ଶନ ଗୌଡ଼ ବୋଲି ଚିହ୍ନଟ କରାଯାଇଛି । ସୁଦର୍ଶନ ମାତ୍ର ଚାରି ମାସ ତଳେ ଜୀବିକା ଅନ୍ୱେଷଣରେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ୟୁକ୍ରେନ ଯାଇଥିଲେ। ସେ ସେଠାରେ ନିର୍ମାଣ କ୍ଷେତ୍ର (Construction sector) ରେ ଶ୍ରମିକ ଭାବେ କାମ କରୁଥିଲେ। ୟୁକ୍ରେନର ଓଡେସା ସହରରେ ରହୁଥିବା ସମୟରେ ରୁଷୀୟ କ୍ଷେପଣାସ୍ତ୍ରର ଶିକାର ହୋଇଥିଲେ ସୁଦର୍ଶନ। ସୂଚନା ଅନୁଯାୟୀ, ବିମାନ ଆକ୍ରମଣର ଚେତାବନୀ (Air raid siren) ଶୁଣିବା ପରେ ସେ ନିଜ ରହୁଥିବା ଘରୁ ବାହାରକୁ ଆସିଥିଲେ, ଠିକ୍ ସେହି ସମୟରେ ତାଙ୍କ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା । ଏହି ଆକ୍ରମଣରେ ତେଲଙ୍ଗାନାର ଅନ୍ୟ ଜଣେ ବ୍ୟକ୍ତି ଗଣେଶ କଲେଡା (୩୫) ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ ସୁଦର୍ଶନଙ୍କ ପରିବାରକୁ ଏହି ଦୁଃଖଦ ଖବର ଜଣାଇବା ସହ ଗଭୀର ଶୋକ ବ୍ୟକ୍ତ କରିଛି। ସୁଦର୍ଶନଙ୍କ ପାର୍ଥିବ ଶରୀରକୁ ଭାରତ ଫେରାଇ ଆଣିବା ପାଇଁ ଦୂତାବାସ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ବର୍ତ୍ତମାନ ଦୂତାବାସ ସୁଦର୍ଶନ କାମ କରୁଥିବା କମ୍ପାନୀ ଏବଂ ୟୁକ୍ରେନୀୟ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି । ୟୁକ୍ରେନରେ ରୁଷ୍‌ର କ୍ରମାଗତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଯୋଗୁଁ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ରହିଛି। ଗତକାଲିର ଆକ୍ରମଣରେ ୟୁକ୍ରେନରେ ମୋଟ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣା ନିଯୁକ୍ତି ପାଇଁ ଯୁଦ୍ଧ ପ୍ରଭାବିତ ଅଞ୍ଚଳକୁ ଯାତ୍ରା କରୁଥିବା ଭାରତୀୟଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ସୁଦର୍ଶନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ଗାଁ ହୁସନାବାଦରେ ଶୋକର ଛାୟା ଖେଳିଯାଇଛି ।

# ଆନ୍ଧ୍ରପ୍ରଦେଶରେ ୫ ହଜାର ନୂତନ ମନ୍ଦିର ନିର୍ମାଣ ହେବ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ସାରା ରାଜ୍ୟରେ ପ୍ରସ୍ତାବିତ ୫ ହଜାର ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଏବଂ ଏଣ୍ଡାଓମେଣ୍ଟସ ବିଭାଗର ଅଧିକାରୀମାନଙ୍କୁ ମନ୍ଦିର ପାଇଁ ଯଥାଶୀଘ୍ର ସ୍ଥାନ ଚୂଡ଼ାନ୍ତ କରିବାକୁ ଏବଂ ସ୍ଥାନ ଚୂଡ଼ାନ୍ତ ହେବା ପରେ ନିର୍ମାଣ ଆରମ୍ଭ କରିବାକୁ କହିଛନ୍ତି। ସମୀକ୍ଷା ବୈଠକରେ ଟିଟିଡି କାର୍ଯ୍ୟନିର୍ବାହୀ ଅଧିକାରୀ ମୁଦ୍ଦାଦା ରବି ଚନ୍ଦ୍ର କହିଛନ୍ତି, ୨୮ ଜିଲ୍ଲାର ୧୬୧ ବିଧାନସଭା ନିର୍ବାଚନମଣ୍ଡଳୀରୁ ମନ୍ଦିର ନିର୍ମାଣ ପାଇଁ ୪,୧୯୨ ପ୍ରସ୍ତାବ ଆସିଛି। ୯୬୭ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମନ୍ଦିରଗୁଡ଼ିକ ତିନୋଟି ବର୍ଗରେ ନିର୍ମାଣ କରାଯିବ। ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ବସତି, ମତ୍ସ୍ୟଜୀବୀ ବସତି, ଦୁର୍ବଳ ବର୍ଗ ବସତି ଏବଂ ସାଧାରଣ ଅଞ୍ଚଳକୁ ପ୍ରାଥମିକତା ଦିଆଯିବ। ମୁଖ୍ୟମନ୍ତ୍ରୀ ନାଇଡୁ ଶ୍ରୀବାଣୀ ଟ୍ରଷ୍ଟର ପାଣ୍ଠିକୁ ମନ୍ଦିର ନିର୍ମାଣ ଏବଂ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିବାକୁ ପରାମର୍ଶ ଦେଇ କହିଛନ୍ତି, ଟିଟିଡି ହିନ୍ଦୁ ଧର୍ମ ଏବଂ ଆଧ୍ୟାତ୍ମିକତାର ପ୍ରଚାର ସହିତ ଜଡ଼ିତ କାର୍ଯ୍ୟକ୍ରମଗୁଡ଼ିକୁ ବିସ୍ତାର କରିବା ଉଚିତ୍। ନାଇଡୁ କହିଛନ୍ତି, ଟିଟିଡିରେ ପ୍ରାୟ ୧୧ ଲକ୍ଷ ୮୦ ହଜାର ନିଯୁତ ଶ୍ରୀବାରୀ ସେବା ସ୍ୱେଚ୍ଛାସେବକ ଅଛନ୍ତି। ନବନିର୍ମିତ ମନ୍ଦିରଗୁଡ଼ିକରେ ସେମାନଙ୍କ ସହାୟତା ନିଆଯିବ। ସେ ବୋର୍ଡ ସଦସ୍ୟ, ଭକ୍ତ ଏବଂ ଶ୍ରୀବାରୀ ସେବା ସ୍ୱେଚ୍ଛାସେବକମାନଙ୍କୁ ନେଇ କାର୍ଯ୍ୟନିର୍ବାହୀ କମିଟି ଗଠନ କରିବାର ସମ୍ଭାବନା ଉପରେ ବିଚାର କରିବାକୁ ମଧ୍ୟ କହିଛନ୍ତି।



# ମନନ୍ ମିଶ୍ର କେବଳ କାମଚଳା ବିସିଆଇ ଅଧ୍ୟକ୍ଷ, ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ହୋଇନାହାନ୍ତି

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ସୁପ୍ରିମକୋର୍ଟ ବୁଧବାର କହିଛନ୍ତି ଯେ, ନବଗଠିତ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ) ଯେପର୍ଯ୍ୟନ୍ତ ଏହାର ପଦାଧିକାରୀମାନଙ୍କୁ ଚୟନ କରିନାହିଁ, ସେପର୍ଯ୍ୟନ୍ତ ମନନ କୁମାର ମିଶ୍ର କେବଳ ଜଣେ କାମଚଳା ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିସିଆଇର ପ୍ରମୁଖ ନୀତିଗତ ନିଷ୍ପତ୍ତି ବିସିଆଇର ସ୍ଥାୟୀ ସଦସ୍ୟ ଆଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲଙ୍କ ସହ ପରାମର୍ଶ କରି ନିଆଯିବ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ମିଶ୍ର ବିସିଆଇର ଦୈନନ୍ଦିନ କାର୍ଯ୍ୟ ତଦାରଖ କରିପାରିବେ କିନ୍ତୁ ନବନିର୍ବାଚିତ ରାଜ୍ୟ ବାର କାଉନସିଲଗୁଡ଼ିକ ନୂତନ ବିସିଆଇ ଗଠନ ପ୍ରକ୍ରିୟା ସମାପ୍ତ କରିବା ପରେ ତାଙ୍କୁ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ପଦାଧିକାରୀ ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଆପଣଙ୍କୁ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ରାଜ୍ୟ ବାର୍ କାଉନସିଲରେ ପୂର୍ବରୁ ହୋଇଥିବା ନିର୍ବାଚନ ଅନୁସାରେ ବାର୍ କାଉନସିଲ ଅଫ୍ ଇଣ୍ଡିଆର ନୂତନ ନିର୍ବାଚନ ନହେବା ପର୍ଯ୍ୟନ୍ତ ଆପଣ ଜଣେ କାମଚଳା ଅଧ୍ୟକ୍ଷ ପରି ଅଛନ୍ତି ବୋଲି ଜଷ୍ଟିସ୍ ବାଗଚୀ ବିସିଆଇ ଅଧ୍ୟକ୍ଷଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଗୁରୁ କୃଷ୍ଣକୁମାରଙ୍କୁ କହିଥିଲେ।

# ୧୦ ବର୍ଷରେ ୧୦୦ ବିମାନବନ୍ଦର: 'ଉଡାନ୍' ପାଇଁ ୩୦ ହଜାର କୋଟି

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** କେନ୍ଦ୍ର ସରକାର ଦେଶରେ ବିମାନ ସେବାର ସମ୍ପ୍ରସାରଣ ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶରେ ୧୦୦ଟି ନୂଆ ବିମାନବନ୍ଦର ନିର୍ମାଣ କରାଯିବ। କେନ୍ଦ୍ର ସରକାରଙ୍କ ଆଞ୍ଚଳିକ ବିମାନ ସଂଯୋଗୀକରଣ ଯୋଜନା 'ଉଡେ ଦେଶ କା ଆମ୍ ନାଗରିକ' (ଉଡାନ) ଅଧୀନରେ ଏହି ବିମାନବନ୍ଦରଗୁଡ଼ିକ ପ୍ରତିଷ୍ଠା କରାଯିବ। ଏଥିପାଇଁ ପ୍ରାୟ ୩୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ୨୦୧୪ ମସିହାରେ ଦେଶରେ ମାତ୍ର ୭୪ଟି ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇ ୧୬୬ରେ ପହଞ୍ଚିଛି। ପରିବର୍ତ୍ତିତ ଉଡାନ୍ ଯୋଜନାରେ ବ୍ୟବହାର ହେଉନଥିବା ପୁରୁଣା ଏୟାରଷ୍ଟ୍ରିପ୍ ଗୁଡ଼ିକୁ ସମ୍ପୂର୍ଣ୍ଣ ବିମାନବନ୍ଦରରେ ରୂପାନ୍ତରିତ କରାଯିବ ଏବଂ ପ୍ରାୟ ୨୦୦ଟି ଆଧୁନିକ ହେଲିପ୍ୟାଡ୍ ନିର୍ମାଣ କରାଯିବ। ଏହି ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। କେବଳ ମହାନଗର ନୁହେଁ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହର, ହିମାଳୟ ଆଞ୍ଚଳିକ ପାର୍ବତ୍ୟ ସ୍ଥାନ ଏବଂ ଲାକ୍ଷାଦ୍ୱୀପ ଓ ଆଣ୍ଡାମାନ ଭଳି ଦ୍ୱୀପକୁ ସିଧାସଳଖ ବିମାନ ସେବା ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ବିମାନ ଯାତାୟାତକୁ ସହଜ କରିବା ପାଇଁ ଭାରତର ବଡ଼ ସହରଗୁଡ଼ିକୁ ବିଦେଶୀ ଓ ଆଞ୍ଚଳିକ ରୁଟ୍ ସହିତ ଯୋଡ଼ିବାକୁ 'ହବ୍ ଆଣ୍ଡ ସ୍ପୋକ୍' ମୋଡେଲ୍‌କୁ କାର୍ଯ୍ୟକାରୀ କରାଯାଉଛି। ବାରାଣସୀ ଓ ଅମୃତସର ପରେ ବର୍ତ୍ତମାନ ଅହମଦାବାଦରେ ଏହି ସେବା ଆରମ୍ଭ କରାଯାଇଛି। ଏହି ଯୋଜନା ଦ୍ୱାରା ଦେଶରେ ପର୍ଯ୍ୟଟନ, ବ୍ୟବସାୟ ଏବଂ ରୋଜଗାର କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ ପ୍ରକାଶ କରିଛନ୍ତି।

### ଜଳବାୟୁ ସଙ୍କଟ ନେଇ ଚେତାବନୀ ଦେଲା ଜାତିସଂଘ

# ନେପାଳ ଭଳି ବିପର୍ଯ୍ୟୟ ଦଶନ୍ଧି ଧରି ଜାରି ରହିବ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ବିଶ୍ୱକୁ ଦଶନ୍ଧି ଧରି ନେପାଳରେ ଘଟିଥିବା ବିପର୍ଯ୍ୟୟ ଏବଂ ବିନାଶର ସମ୍ମୁଖୀନ ହେବାକୁ ପଡିବ ବୋଲି ଜାତିସଂଘର ଏକ ରିପୋର୍ଟ ଏପରି ସୂଚାଉଥିବା ପରି ମନେ ହେଉଛି। ଜଳବାୟୁ ପରିବର୍ତ୍ତନ ଉପରେ ଏହି ନୂତନ ରିପୋର୍ଟ ବିଶ୍ୱକୁ ଏକ ବଡ଼ ଚେତାବନୀ ଦେଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ରିପୋର୍ଟ ଅନୁଯାୟୀ, ଆଗାମୀ ବର୍ଷଗୁଡ଼ିକରେ ପୃଥିବୀ ୧.୫ ଡିଗ୍ରି ସେଲସିୟସ୍ ବିଶ୍ୱ ଉଷ୍ମତାର ସୁରକ୍ଷିତ ସୀମା ଅତିକ୍ରମ କରିବ। ଏହାର ଅର୍ଥ ହେଉଛି ଆଗାମୀ ଅନେକ ଦଶନ୍ଧି ପାଇଁ ବିଶ୍ୱକୁ ପାଣିପାଗ ସମ୍ବନ୍ଧୀୟ ବିପର୍ଯ୍ୟୟ, ସମୁଦ୍ର ସ୍ତର ବୃଦ୍ଧି, ପ୍ରଜାତି ବିଲୁପ୍ତ ହେବା ଏବଂ ହିମ ତରଳିବା ଭଳି ଗମ୍ଭୀର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିପାରେ। ୟୁଏନଇପି ରିପୋର୍ଟ ୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତିନାମାର ବିଶ୍ୱ ତାପମାତ୍ରା ବୃଦ୍ଧିକୁ ପୂର୍ବ ଶିଳ୍ପ ସ୍ତରଠାରୁ ୧.୫ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ସୀମିତ ରଖିବା ଲକ୍ଷ୍ୟ ପରିପ୍ରେକ୍ଷୀରେ ଆସିଛି। ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ, ବିଶ୍ୱ ପ୍ରାୟ ୧.୪ ଡିଗ୍ରି ସେଲସିୟସ ଉଷ୍ମ ହୋଇସାରିଛି। ରିପୋର୍ଟରେ, ଜାତିସଂଘ ପ୍ରଥମ ଥର ପାଇଁ ସ୍ପଷ୍ଟ ଭାବରେ ସ୍ୱୀକାର କରିଛି ଯେ ତାପମାତ୍ରା ସୀମା ବଜାୟ ରଖିବା ଆଉ ସମ୍ଭବ ନୁହେଁ। ବୈଜ୍ଞାନିକ ଏବଂ ଜାତିସଂଘ ଅଧିକାରୀମାନେ କହିଛନ୍ତି ଯେ ନୂତନ ରଣନୀତି ହେଉଛି ତାପମାତ୍ରା ବୃଦ୍ଧିକୁ ସର୍ବନିମ୍ନ ପର୍ଯ୍ୟନ୍ତ ସୀମିତ କରିବା ଏବଂ ତା'ପରେ ଧୀରେ ଧୀରେ ଏହାକୁ ହ୍ରାସ କରିବା।




ରିପୋର୍ଟ ଅନୁସାରେ, ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱ ତାପମାତ୍ରା ପ୍ରାୟ ୧.୮ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ। ବର୍ତ୍ତମାନର ନୀତି ଆଧାରରେ, ୨୧୦୦ ସୁଦ୍ଧା ତାପମାତ୍ରା ବୃଦ୍ଧି ପ୍ରାୟ ୨.୬ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବୈଜ୍ଞାନିକଙ୍କ ମତରେ, ୧.୫ ଡିଗ୍ରି ସୀମା ଅତିକ୍ରମ କଲେ ଦଶନ୍ଧି ଧରି ଜଳବାୟୁ ବହୁତ ଉଷ୍ମ ହୋଇପାରେ। ଏହି ସମୟ ମଧ୍ୟରେ, ପ୍ରଚଣ୍ଡ ଗରମ, ବନ୍ୟା, ମରୁଡି ଏବଂ ଅନ୍ୟାନ୍ୟ ପାଗ ସମ୍ବନ୍ଧୀୟ ବିପର୍ଯ୍ୟୟ ବୃଦ୍ଧି ପାଇପାରେ। ଏହା ଶସ୍ୟ ଉତ୍ପାଦନକୁ ପ୍ରଭାବିତ କରିବା, ଜଳ ଅଭାବ ବୃଦ୍ଧି କରିବା ଏବଂ ଅର୍ଥନୀତି ଉପରେ ଆର୍ଥିକ ଚାପ ପକାଇବାର ସମ୍ଭାବନା ମଧ୍ୟ ରହିଛି। ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଗରିବ ଏବଂ ଦୁର୍ବଳ ଜନସଂଖ୍ୟା ଉପରେ ସର୍ବାଧିକ ପ୍ରଭାବ ପକାଇବ। କିଛି ସ୍ଥାନରେ ପରିସ୍ଥିତି ଏତେ ଖରାପ ହୋଇପାରେ। ରିପୋର୍ଟ ଅନେକ ଚେତାବନୀ ଦେଇଛି। ଏଥିରେ ପଶ୍ଚିମ ଆଣ୍ଟାର୍କଟିକା ଏବଂ ଗ୍ରୀନଲ୍ୟାଣ୍ଡ ବରଫ ଚାଦର ହ୍ରାସ ଏବଂ ଆମାଜନ ବର୍ଷା ଜଙ୍ଗଲରେ ବଡ଼ ଧରଣର ପରିବର୍ତ୍ତନ ଭଳି ବିପଦ ଅନ୍ତର୍ଭୁକ୍ତ। ଜଳବାୟୁ ବୈଜ୍ଞାନିକମାନେ କହିଛନ୍ତି, ପ୍ରତ୍ୟେକ ଅତିରିକ୍ତ ଦଶମିକ ଡିଗ୍ରି ତାପମାତ୍ରା ବିପଦକୁ ବୃଦ୍ଧି କରିବ। ତେଣୁ ସୀମା ଅତିକ୍ରମ କରିବା ପରେ ମଧ୍ୟ ଦ୍ରୁତ ନିର୍ଗମନ ହ୍ରାସ ଅପରିହାର୍ଯ୍ୟ। ରିପୋର୍ଟରେ କୁହାଯାଇଛି, ଜୀବାଶ୍ମ ଇନ୍ଧନକୁ ଦୂର କରିବା ପାଇଁ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ ଅପସାରଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ କରିବା ଆବଶ୍ୟକ। ଗଛ ଲଗାଇବା ହେଉଛି ପାରମ୍ପରିକ ପଦ୍ଧତି, କିନ୍ତୁ ବୈଜ୍ଞାନିକମାନେ କହିଛନ୍ତି ଯେ କେବଳ ବନୀକରଣ ଦ୍ୱାରା ତାପମାତ୍ରାରେ ସୀମିତ ହ୍ରାସ କରାଯାଇପାରିବ ନାହିଁ। ତେଣୁ, ନୂତନ କାର୍ବନ ଅପସାରଣ ପଦ୍ଧତି ଆବଶ୍ୟକ ହେବ।

### ହର୍ମୁଜ ସଙ୍କଟ ମଧ୍ୟରେ ମିଶରରେ

# ଜିନପିଙ୍ଗ, ସୁଏଜ ଉପରେ ଚୀନର ନଜର

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଇରାନ ଯୁଦ୍ଧକୁ ନେଇ ଉତ୍ତେଜନା ବଢ଼ିଥିବା ବେଳେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମିଶର ଗସ୍ତ ରାଜନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଛି । ପ୍ରାୟ ଏକ ଦଶନ୍ଧି ପରେ ଜିନପିଙ୍ଗ ମିଶରରେ ପହଞ୍ଚିଥିବା ବେଳେ ରାଷ୍ଟ୍ରପତି ଅବଦେଲ ଫତାହ ଅଲ-ସିସି ତାଙ୍କୁ କାହିରା ବିମାନବନ୍ଦରରେ ସ୍ୱାଗତ କରିଛନ୍ତି । ଏହି ଗସ୍ତ ଚୀନ-ମିଶର ସମ୍ପର୍କର ୭୦ ବର୍ଷ ପୂର୍ତ୍ତି ସମୟରେ ହୋଇଛି । ଜିନପିଙ୍ଗ ଓ ସିସିଙ୍କ ଆଲୋଚନାରେ ଦ୍ୱିପାକ୍ଷିକ ବାଣିଜ୍ୟ, ଶକ୍ତି, ପରିବହନ ଓ ନୂଆ ପ୍ରଯୁକ୍ତି ସମେତ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ । ସୁଏଜ କେନାଲ ଏସିଆ ଓ ୟୁରୋପ ମଧ୍ୟରେ ବାଣିଜ୍ୟର ଏକ ପ୍ରମୁଖ ସମୁଦ୍ରପଥ ହୋଇଥିବାରୁ ଏହା ଚୀନ ପାଇଁ ରଣନୈତିକ ଭାବେ ମଧ୍ୟ ମହତ୍ୱପୂର୍ଣ୍ଣ। ଅନ୍ୟପଟେ, ଇରାନ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀରେ ତୈଳ ପରିବହନ ଓ ଜାହାଜ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏହାର ପ୍ରଭାବ ବିଶ୍ୱ ଶକ୍ତି ବଜାର ଓ ସମୁଦ୍ର ବାଣିଜ୍ୟ ଉପରେ ପଡ଼ୁଛି । ଏପରି ସମୟରେ ହର୍ମୁଜରେ ବାଧା ସୃଷ୍ଟି ହେଲେ ସୁଏଜ କେନାଲର ରଣନୈତିକ ଗୁରୁତ୍ୱ ଆହୁରି ବଢ଼ିପାରେ । ଚୀନ ଏହି ସୁଯୋଗରେ ମଧ୍ୟପ୍ରାଚ୍ୟରେ ନିଜର କୂଟନୈତିକ ଓ ଆର୍ଥିକ ପ୍ରଭାବ ବଢ଼ାଇବାକୁ ଚାହୁଁଥିବା ମନେ କରାଯାଉଛି । ଇରାନ ଓ ସାଉଦି ଆରବ ମଧ୍ୟରେ କୂଟନୈତିକ ସମ୍ପର୍କ ପୁନଃସ୍ଥାପନରେ ଚୀନର ଭୂମିକା ପରେ ବେଜିଂ ନିଜକୁ ମଧ୍ୟପ୍ରାଚ୍ୟରେ ଏକ ପ୍ରଭାବଶାଳୀ ମଧ୍ୟସ୍ଥ ଭାବେ ପ୍ରତିଷ୍ଠିତ କରିବାକୁ ଉଦ୍ୟମ କରୁଛି। ଏହି ପରିସ୍ଥିତିରେ ଜିନପିଙ୍ଗଙ୍କ ମିଶର ଗସ୍ତ କେବଳ ଦୁଇ ଦେଶର ସମ୍ପର୍କକୁ ମଜବୁତ କରିବାର ପ୍ରୟାସ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ବଦଳୁଥିବା ଶକ୍ତି ସମୀକରଣରେ ଚୀନର ବଢ଼ୁଥିବା ଭୂମିକାର ଏକ ବଡ଼ ସଙ୍କେତ ବୋଲି ବିଶ୍ଳେଷକମାନେ ଦେଖୁଛନ୍ତି ।



# କଙ୍ଗୋରେ ଇବୋଲା ମହାମାରୀର କରାଳ ରୂପ: ମୃତ୍ୟୁ ସଂଖ୍ୟା ୩୦୦୦ ପାର୍

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** କଙ୍ଗୋ ଗଣରାଜ୍ୟରେ ଇବୋଲା ମହାମାରୀ ଏବେ ଭୟଙ୍କର ରୂପ ଧାରଣ କରିଛି । ଦେଶରେ ଇବୋଲା ସଂକ୍ରମଣ ଯୋଗୁଁ ମୃତ୍ୟୁ ସଂଖ୍ୟା ୩,୦୦୦ ଅତିକ୍ରମ କରିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ନାକେଦମ ହେଉଛନ୍ତି । କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୬,୧୦୦ ପାର କରିସାରିଛି । ଗତ ମେ ୧୫ ତାରିଖରେ ଇତୁରି ପ୍ରଦେଶରେ ଏହି ରୋଗ ବ୍ୟାପିଥିବା ନେଇ ଆନୁଷ୍ଠାନିକ ଘୋଷଣା ହୋଇଥିଲା, ମାତ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରକୋପ ପ୍ରକୃତରେ ଜାନୁଆରି ମାସରୁ ହିଁ ଆରମ୍ଭ ହୋଇଥାଇପାରେ । ଏହି ପ୍ରକୋପ କଙ୍ଗୋ ଇତିହାସରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ଘାତକ ମହାମାରୀ ଭାବେ ଉଭା ହୋଇଛି । ଏହା ପୂର୍ବରୁ ୨୦୧୮-୨୦୨୦ ମସିହାରେ ହୋଇଥିବା ଭୟଙ୍କର ଇବୋଲା ସ୍ଥିତିକୁ ମଧ୍ୟ ଅତିକ୍ରମ କରିସାରିଛି । ବିଶେଷ କରି ବିରଳ 'ବୁଣ୍ଡିବୁଗୟୋ' ପ୍ରଜାତିର ଜୀବାଣୁ ଯୋଗୁଁ ଏହି ସଂକ୍ରମଣ ଅତ୍ୟନ୍ତ ଦ୍ରୁତ ଗତିରେ ବଢ଼ୁଥିବା ଜଣାପଡ଼ିଛି । ବର୍ତ୍ତମାନ ସୁଦ୍ଧା ଏହି ରୋଗ ଦେଶର ୬ଟି ପ୍ରଦେଶକୁ ବ୍ୟାପି ସାରିଛି ଏବଂ ଏହା ବିଶ୍ୱର ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ଇବୋଲା ପ୍ରକୋପ ହୋଇ ରହିଛି । କ୍ରମାଗତ ଭାବେ ବଢ଼ୁଥିବା ମୃତ୍ୟୁ ସଂଖ୍ୟା ଏବଂ ନୂଆ ନୂଆ ମାମଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କଙ୍ଗୋର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୬,୧୮୬ଟି ମାମଲା ସାମ୍ନାକୁ ଆସିଥିବା ବେଳେ ୩,୦୦୭ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏବଂ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ପ୍ରୟାସ ଜାରି ରଖିଥିଲେ ହେଁ ସଂକ୍ରମଣର ଗତି ହ୍ରାସ ପାଉନାହିଁ । ଏହି ଘାତକ ରୋଗର ବଢ଼ୁଥିବା ପ୍ରକୋପକୁ ଦେଖି ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଏବେ ସତର୍କ ହୋଇପଡ଼ିଛନ୍ତି ।

### ତାମିଲନାଡୁ ସରକାରଙ୍କ ବଡ଼ ନିଷ୍ପତ୍ତି

# ଚାଷୀ ଓ ଶିକ୍ଷକମାନଙ୍କ ଉପରୁ ହଟିବ ସମସ୍ତ ମାମଲା

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ବୁଧବାର ଏକ ବଡ଼ ଘୋଷଣା କରିଛନ୍ତି। ପୂର୍ବତନ ଡିଏମକେ ସରକାର ସମୟରେ ବିକ୍ଷୋଭ ପ୍ରଦର୍ଶନ କରିଥିବା କୃଷକ ଓ ଶିକ୍ଷକମାନଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲାକୁ ପ୍ରତ୍ୟାହାର କରିନିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍.କେ. ଷ୍ଟାଲିନଙ୍କ ନେତୃତ୍ୱାଧୀନ ସରକାର ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ପ୍ରତି 'ଅମାନବୀୟ' ବ୍ୟବହାର କରିଥିଲେ ବୋଲି ସେ ଅଭିଯୋଗ ଆଣିଛନ୍ତି। ରାଜ୍ୟ ବିଧାନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ, ମେ ୨୦୨୧ରୁ ୨୦୨୬ ମଧ୍ୟରେ ସିପକଟ୍ ଶିଳ୍ପାଞ୍ଚଳ ବିକାଶ ଏବଂ ପ୍ରସ୍ତାବିତ ପରନ୍ଦୁର ବିମାନବନ୍ଦର ଭଳି ପ୍ରକଳ୍ପ ବିରୋଧରେ ଆନ୍ଦୋଳନ କରୁଥିବା କୃଷକ ଓ ଶିକ୍ଷକମାନଙ୍କ ଉପରେ ଏକାଧିକ



ମାମଲା ଦାୟର କରାଯାଇଥିଲା। ଏହି ଆଇନଗତ ମାମଲାଗୁଡ଼ିକ ବିଚାରାଧୀନ ଥିବାରୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ମେରୁଦଣ୍ଡ ସଦୃଶ କୃଷକ ଏବଂ ନିଜ ହକ୍ ପାଇଁ ଲଢୁଥିବା ଶିକ୍ଷକମାନଙ୍କ ସହ ସରକାର ସଦାସର୍ବଦା ଛିଡ଼ା ହେବେ ଏବଂ ଏହି ନିଷ୍ପତ୍ତି ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ବିଶ୍ୱାସକୁ ଆହୁରି ସୁଦୃଢ଼ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ, ତାମିଲଗା ଭେଟ୍ରି କାଜାଗାମ୍ (ଟିଭିକେ) ସରକାରଙ୍କ ଏହି ନିଷ୍ପତ୍ତି ପରେ 'ନିଟ୍' ବିରୋଧରେ ଆନ୍ଦୋଳନ କରିଥିବା ଛାତ୍ରଛାତ୍ରୀ ଏବଂ ନେଇଭେଲି ଲିଗ୍ନାଇଟ୍ କୋର୍ପୋରେସନ୍ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରୁ ମଧ୍ୟ ମାମଲା ପ୍ରତ୍ୟାହାର କରିବାକୁ ସିପିଆଇ ଏବଂ ପିଏମ୍‌କେ ଦାବି କରିଛନ୍ତି। ଆଇନ ମନ୍ତ୍ରୀ ନିର୍ମଳ କୁମାର ସରକାର ଏହି ଦାବିଗୁଡ଼ିକୁ ସହାନୁଭୂତିର ସହ ବିଚାରକୁ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି।

### ଜାମ୍ମୁ-କାଶ୍ମୀରରେ ଏନସି ସରକାର ବିରୋଧରେ ବିଜେପିର ଶକ୍ତିପ୍ରଦର୍ଶନ

# ଇସ୍ତଫା ଦେଇ ପୁନଃ ନିର୍ବାଚନ ଲଢ଼ିବାକୁ ଓମାର ଅବଦୁଲ୍ଲାଙ୍କୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ନାସନାଲ କନଫରେନ୍ସ (ଏନସି) ସରକାର ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାନସଭାର ବିରୋଧୀ ଦଳ ନେତା ସୁନୀଲ ଶର୍ମାଙ୍କ ନେତୃତ୍ୱରେ ଶହ ଶହ ବିଜେପି ନେତା ଓ କାର୍ଯ୍ୟକର୍ତ୍ତା ଶ୍ରୀନଗରର ଐତିହାସିକ ଲାଲଚୌକଠାରେ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି । ବିଜେପି କର୍ମକର୍ତ୍ତାମାନେ ଲାଲଚୌକ କ୍ଲକ୍ ଟାୱାର ନିକଟରୁ ସିଭିଲ ସେକ୍ରେଟାରିଏଟ୍ ଅଭିମୁଖେ ଏକ ବିଶାଳ ମାର୍ଚ୍ଚ କରିବା ସହ ସରକାରଙ୍କ ବିଫଳତା ବିରୋଧରେ ଜୋରଦାର ନାରାବାଜି କରିଥିଲେ । ଏହି ଅବସରରେ ସୁନୀଲ ଶର୍ମା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ତାଙ୍କ ଗାନ୍ଦରବଲ ଆସନରୁ ଇସ୍ତଫା ଦେଇ ପୁଣିଥରେ ଜନାଦେଶ ଲୋଡ଼ିବାକୁ ସିଧାସଳଖ ଚ୍ୟାଲେଞ୍ଜ କରିଛନ୍ତି । ସରକାରଙ୍କୁ କଠୋର ସମାଲୋଚନା କରି ସୁନୀଲ ଶର୍ମା କହିଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ସାଧାରଣ ଓ ଗରିବ ଲୋକଙ୍କ ଜୀବନଧାରଣ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ସାରା ରାଜ୍ୟରେ ଜଳସଙ୍କଟ ଦେଖାଦେଇଥିବା ବେଳେ ହସ୍ପିଟାଲଗୁଡ଼ିକରେ ଡାକ୍ତର ଏବଂ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ଘୋର ଅଭାବ ରହିଛି । ଜନସାଧାରଣ ସମସ୍ୟା ଭୋଗୁଥିବା ବେଳେ ମୁଖ୍ୟମନ୍ତ୍ରୀ କେବଳ ରାଜକୀୟ ଜୀବନଯାପନ କରି ଗୁଲମାର୍ଗ ଓ ପହଲଗାମରେ ସ୍କିଇଂ କରିବାରେ ବ୍ୟସ୍ତ ଅଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି । ବିଜେପି ପକ୍ଷରୁ କୁହାଯାଇଛି ଯେ ଏହି ଆନ୍ଦୋଳନ ମୁଖ୍ୟତଃ ୪ଟି ମୁଖ୍ୟ ମୁଦ୍ଦା ଉପରେ କେନ୍ଦ୍ରୀଭୂତ ହୋଇଛି, ଯେଉଁଥିରେ ନିୟମିତ ନିଯୁକ୍ତି ପ୍ରକ୍ରିୟା ପରିବର୍ତ୍ତେ ୨୫,୦୦୦ ଚାକିରି ଆଉଟସୋର୍ସିଂ ଜରିଆରେ ବିକ୍ରି କରିବା, ପୌର ଓ ସ୍ଥାନୀୟ ନିର୍ବାଚନ ନକରାଇବା, ବ୍ୟାପକ ଭ୍ରଷ୍ଟାଚାର ଏବଂ ବିଦ୍ୟୁତ୍ ଶୁଳ୍କରେ ଅହେତୁକ ବୃଦ୍ଧି ଅନ୍ତର୍ଭୁକ୍ତ । ରାଜ୍ୟ ପଦବୀ ଏବଂ ସ୍ୱତନ୍ତ୍ର ସାମ୍ବିଧାନିକ ମୁଦ୍ଦାକୁ ନେଇ ଚାଲିଥିବା ରାଜନୀତି ଉପରେ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା କହିଛନ୍ତି ଯେ ଜାମ୍ମୁ-କାଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ପଦବୀ ଫେରାଇବା ପାଇଁ କେନ୍ଦ୍ର ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ ଏହି ମୁଦ୍ଦା ଉପରେ ରାଜନୀତି ନକରି ନିଜ ବିଫଳତାକୁ ସ୍ୱୀକାର କରିବା ଉଚିତ୍ । ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାରେ ଏହି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ଦେଇ ନୂଆ ନିର୍ବାଚନର ସମ୍ମୁଖୀନ ହେବା ଆବଶ୍ୟକ ବୋଲି ବିଜେପି ଦୃଢ଼ ଦାବି କରିଛି । ଏହି ପ୍ରତିବାଦ ଯୋଗୁଁ ଶ୍ରୀନଗରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ।







# କ୍ଷୁଦ୍ର ଶିଳ୍ପ, ବଡ଼ ଆକାଂକ୍ଷା: ଭାରତର ଅଭିବୃଦ୍ଧିର ନୂଆ ବାହକ

**ଭୁବନେଶ୍ୱର, ୨୧୯ (ନି.ପ୍ର) :** ଉତ୍ପାଦନ ୟୁନିଟ୍ ଓ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସେବା ପ୍ରଦାନକାରୀ ବ୍ୟବସାୟ ଏବଂ ପ୍ରଥମ ପିଢ଼ିର ଉଦ୍ୟୋଗ ପର୍ଯ୍ୟନ୍ତ, କ୍ଷୁଦ୍ର ଶିଳ୍ପଗୁଡ଼ିକ ଭାରତର ଅର୍ଥନୀତିକୁ ଆକାର ଦେବାରେ କ୍ରମେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ହେବା ସହ ସ୍ଥାନୀୟ ଯୋଗାଣ ଶୃଙ୍ଖଳା ସୁଦୃଢ଼ ହେଉଛି ଏବଂ ଉଦ୍ୟୋଗୀତାକୁ ସମୁଦାୟ ନିକଟତର କରାଯାଉଛି। ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ହେଉଛି ଏହି ଅବଦାନକୁ ସ୍ୱୀକୃତି ଦେବା ସହ ଭାରତର କ୍ଷୁଦ୍ର ବ୍ୟବସାୟ ପରିବେଶର ବଢୁଥିବା ସମ୍ଭାବନାକୁ ଚିହ୍ନିବାର ଏକ ସୁଯୋଗ। ବିଶେଷକରି ଛୋଟ ସହର ଓ ଟାଉନ୍‌ଗୁଡ଼ିକ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହେଉଥିବା ବେଳେ ଏହି କ୍ଷେତ୍ରର ଗୁରୁତ୍ୱ ଆହୁରି ବଢ଼ିଛି। କ୍ଷୁଦ୍ର ଶିଳ୍ପର ଗୁରୁତ୍ୱ ବାଲାନ୍ସ ସିଟ୍‌ଠାରୁ ଅଧିକ। ଏକ ବର୍ଦ୍ଧିତ ବିନିର୍ମାଣ କାରଖାନା ଯୋଗାଣକାରୀ ଓ ପରିବହନକାରୀଙ୍କ ପାଇଁ ଚାହିଦା ସୃଷ୍ଟି କରେ, ଏକ ସ୍ଥାନୀୟ ରିଟେଲର୍ ବିତରକ ଓ ଶ୍ରମିକଙ୍କୁ ସମର୍ଥନ କରେ, ଏକ ନୂଆ ଉଦ୍ୟୋଗୀ ଗୋଷ୍ଠୀରେ ନିଯୁକ୍ତି ସୃଷ୍ଟି କରେ। ଏହି ପ୍ରଭାବର ଅର୍ଥ ହେଉଛି ଅଧିକ ସଂସ୍ଥା ସଂଗଠିତ ହେବା ସହ ସମ୍ପ୍ରସାରିତ ହେଲେ ତାହା ଉଦୀୟମାନ ବଜାରରେ ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିଥାଏ। ଭାରତର ଉଦ୍ୟମିତା ଦୃଶ୍ୟପଟ୍ଟ ବୃହତ ସହରରେ ସୀମିତ ରହିନାହିଁ। ଛୋଟ ସହର ଓ ନଗରରେ ବିନିର୍ମାଣ, ଟ୍ରେଡିଂ, ସେବା, ଗମନାଗମନ ଓ ଖୁଚୁରା ଆଦିରେ ବ୍ୟବସାୟ ଉଭା ହେଉଛି ଏବଂ ସେମାନଙ୍କୁ ଏକ ସଫଳ ସ୍ଥାନୀୟ ସଂସ୍ଥାରୁ ଅଧିକ ଉତ୍ପାଦକ, ସ୍ଥାୟୀ ଓ ବ୍ୟାପକ ବ୍ୟବସାୟରେ ପରିଣତ କରିବାରେ ସାହାଯ୍ୟ କରିବାରେ ସୁଯୋଗ ରହିଛି। ପରିବର୍ତ୍ତନରେ ପୁଞ୍ଜି ହେଉଛି ଗୁରୁତ୍ୱପୂର୍ଣ୍ଣ। କଂଚାମାଲ ଓ ମେସିନ କିଣିବା, ଦୋକାନ ବଢ଼ାଇବା, ଗାଡ଼ି କିଣିବା, କର୍ମଚାରୀ ନିଯୁକ୍ତି ଦେବା କିମ୍ବା ଏକ ନୂଆ ବଜାରରେ ପ୍ରବେଶ କରିବା ପାଇଁ ପ୍ରତି କ୍ଷୁଦ୍ର ବ୍ୟବସାୟକୁ ପାଣ୍ଠି ଦରକାର। ଋଣ ଉପଲବ୍ଧତା ଯେତିକି ଗୁରୁତ୍ୱ ରଖୁନାହିଁ, ଠିକ୍ ସ୍ତରରେ ଏବଂ ବ୍ୟବସାୟର ଆବଶ୍ୟକତା ଅନୁସାରେ ଉଦ୍ୟୋଗୀଙ୍କ ପାଖରେ ସହାୟତା ପହଂଚିବା ଜରୁରୀ। ଏକ ଅଧିକ ପ୍ରତିକ୍ରିୟାଶୀଳ ଋଣ ବ୍ୟବସ୍ଥା ସଂସ୍ଥାକୁ ଅଧିକ ନିବେଶ ଉତ୍ପାଦକ ହେବାରେ ସାହାଯ୍ୟ କରିବ ଏବଂ ଏକ ଦୃଢ଼ ଆର୍ଥିକ ଟ୍ରାକ୍ ରେକର୍ଡ ଗଠନ କରିବ ଏବଂ କେବଳ ସ୍ୱତନ୍ତ୍ର ଆବଶ୍ୟକତା ବଦଳରେ ଦୀର୍ଘକାଳୀନ ସମ୍ପର୍କ ଗଠନ କରିବା ପାଇଁ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ସୁଯୋଗ ପ୍ରଦାନ କରିବ।

# ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଅମନ ମାହେଶ୍ୱରୀଙ୍କୁ ବୋର୍ଡରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି

**ଭୁବନେଶ୍ୱର, ୨୧୯ (ନି.ପ୍ର) :** ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ବୋର୍ଡରେ ଅମନ ମାହେଶ୍ୱରୀଙ୍କୁ ନିର୍ଦ୍ଦେଶକ ଭାବେ ସାମିଲ କରାଯାଇଛି। ଏହି ନିଯୁକ୍ତି ସହ ଆଲେନ୍ ପକ୍ଷରୁ ସମସ୍ତ ଚାରି ପ୍ରତିଷ୍ଠାତା ସେମାନଙ୍କ ପରବର୍ତ୍ତୀ ପିଢ଼ିକୁ ବୋର୍ଡ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବୋର୍ଡରେ ପରବର୍ତ୍ତୀ ପିଢ଼ିର ନିର୍ଦ୍ଦେଶକ ଅବିରଳ ମାହେଶ୍ୱରୀ, ଆନନ୍ଦ ମାହେଶ୍ୱରୀ ଓ କେଶବ ମାହେଶ୍ୱରୀ ସାମିଲ ହୋଇଥିଲେ। ଅମନ ଭାରତ, ୟୁଏଇ, ବ୍ରିଟେନ ଓ ୟୁରୋପରେ ଶିକ୍ଷା ଗ୍ରହଣ କରିଥିବାରୁ ସେ ଆଲେନ୍‌ର ଗ୍ଲୋବାଲ୍ ଷ୍ଟଡି ଡିଭିଜନକୁ ନୂଆ ଦିଗ ଦେଇପାରିବେ। ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଶ୍ରୀ ରାଜେଶ ମାହେଶ୍ୱରୀ କହିଛନ୍ତି ଯେ, 'ବୋର୍ଡରେ ଅମନ ଯୋଗଦେବା ସହିତ ଆଲେନର ଯାତ୍ରାରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସମ୍ପୂର୍ଣ୍ଣ କରିଛୁ। ଆମର ଚାରି ପରବର୍ତ୍ତୀ ପିଢ଼ିର ନିର୍ଦ୍ଦେଶକଙ୍କ ସ୍ୱତନ୍ତ୍ର ଦୃଢ଼ତା ରହିଛି ଏବଂ ଆଲେନର ଅନ୍ତର୍ଜାତୀୟ ଶିକ୍ଷା ଶାଖାକୁ ଗଠନ କରିବାରେ ଅମନଙ୍କ ଅଭିଜ୍ଞତା ବୋର୍ଡକୁ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିବ। ମୋର ବିଶ୍ୱାସ ରହିଛି ଯେ, ଏହି ସାମଗ୍ରିକ ନେତୃତ୍ୱ ଆଗାମୀ ପିଢ଼ି ପାଇଁ ଆଲେନ୍‌ର ମିସନକୁ ଆଗକୁ ବଢ଼ାଇବ। ନିଜ ଜ୍ୟେଷ୍ଠ ପୁତ୍ର ଅମନ ମାହେଶ୍ୱରୀଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ବୋର୍ଡକୁ ସ୍ୱାଗତ କରି, ଆଲେନ୍‌ର ପ୍ରତିଷ୍ଠାତା ଡକ୍ଟର ବ୍ରଜେଶ ମାହେଶ୍ୱରୀ କହିଛନ୍ତି ଯେ, 'ଜ୍ୟେଷ୍ଠ ପୁତ୍ର ଶ୍ରୀ ଅମନ ମାହେଶ୍ୱରୀ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରୁଥିବାର ଦେଖି ମୁଁ ଆନନ୍ଦିତ। ବିଗତ ବର୍ଷଗୁଡ଼ିକରେ ସେ ଆଲେନ୍‌ର ସ୍ୱଦେଶୀ ଓ ବିଦେଶୀ ଶିକ୍ଷାଗତ ପଦକ୍ଷେପଗୁଡ଼ିକୁ ଗଢ଼ିବା ଓ ସୁଦୃଢ଼ କରିବାରେ ତଥା ସେଗୁଡ଼ିକୁ ନୂତନ ଉଚ୍ଚତାକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମୁଁ ନିଶ୍ଚିତ ଯେ, ବୋର୍ଡରେ ତାଙ୍କର ଏହି ନୂତନ ଭୂମିକାରେ ସେ ଆଲେନ୍‌କୁ ବିକାଶ ଓ



ଶ୍ରେଷ୍ଠତାର ନୂତନ ମାଇଲଖୁଂଟ ଆଡ଼କୁ ନେଇଯିବା ସହିତ ସମାନ ନିଷ୍ଠା, ପ୍ରତିବଦ୍ଧତା ଓ ଦୂରଦୃଷ୍ଟି ପ୍ରଦର୍ଶନ କରିବା ଜାରି ରଖିବେ। ପ୍ରତିଷ୍ଠାତା ଭାବରେ ଆମର ପ୍ରୟାସ ସଦାସର୍ବଦା ଏପରି ଏକ ଅନୁଷ୍ଠାନ ଗଠନ କରିବା ଯାହା ଆମ ନିଜଠାରୁ ବଡ଼ ଏବଂ ଆଗାମୀ ପିଢ଼ି ପାଇଁ ଏକ ଶକ୍ତ ଉତ୍ତରାଧିକାର ସୃଷ୍ଟି କରିବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୂମିକାକୁ ଅମନଙ୍କର ଏହି ପରିବର୍ତ୍ତନ ଏହି ବୃହତର ଦୂରଦୃଷ୍ଟିକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ପଦକ୍ଷେପ। ନିଜ ନିଯୁକ୍ତି ସମ୍ପର୍କରେ ଶ୍ରୀ ଅମନ ମାହେଶ୍ୱରୀ କହିଛନ୍ତି ଯେ, 'ଆଲେନ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ଯାତ୍ରାରେ ଏହାର ବୋର୍ଡରେ ଯୋଗଦେଇ ମୁଁ ସମ୍ମାନିତ ମନେ କରୁଛି। ଅନୁଷ୍ଠାନ ସହିତ ବଢ଼ିବା ଓ ବର୍ଷ ବର୍ଷ ଧରି ଏହାର ବିଶ୍ୱସ୍ତରୀୟ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ନିର୍ମାଣ ଓ ପ୍ରସାରରେ ଯୋଗଦାନ ଦେଇଥିବାରୁ ଆଲେନ୍‌କୁ ପ୍ରତିଷ୍ଠିତ କରୁଥିବା ମୂଲ୍ୟବୋଧ ଓ ଆଗକୁ ଥିବା ସମ୍ଭାବନାଗୁଡ଼ିକୁ ବୁଝିବାର ସୁଯୋଗ ମୋତେ ମିଳିଛି। ମୁଁ ମୋର ଅନୁଭୂତି ଓ ଦୃଷ୍ଟିକୋଣକୁ ବୋର୍ଡକୁ ଆଣିବା, ମୋର ସହକାରୀ ନିର୍ଦ୍ଦେଶକ ଓ ନେତୃତ୍ୱ ଟିମ୍ ସହିତ ମିଶି ଆଲେନ୍‌ର ମୂଳକୁ ସୁଦୃଢ଼ କରିବା, ନବସୃଜନକୁ ତ୍ୱରାନ୍ୱିତ କରିବା, ଆମର ବିଶ୍ୱସ୍ତରୀୟ ଉପସ୍ଥିତିକୁ ପ୍ରସାରିତ କରିବା ଓ ଆଲେନ୍‌କୁ ଭାରତର ଅନ୍ୟତମ ବିଶ୍ୱସନୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିଥିବା ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଆଶା ରଖିଛି। ଆଲେନ୍‌ର ନିର୍ଦ୍ଦେଶକ ଶ୍ରୀ ଉଦୟ ଶଙ୍କର କହିଛନ୍ତି ଯେ, 'ଅମନଙ୍କ ନିଯୁକ୍ତି ସହିତ ଆଲେନ୍‌ର ବୋର୍ଡ ଏବେ ପ୍ରକୃତରେ ଅନୁଷ୍ଠାନର ପରବର୍ତ୍ତୀ ଅଧ୍ୟାୟକୁ ପ୍ରତିଫଳିତ କରୁଛି, ଯାହା ପ୍ରତିଷ୍ଠାତାମାନଙ୍କର ପ୍ରଜ୍ଞା, ବୃତିଗତ ପରିଚାଳନାର ଶୃଙ୍ଖଳା ଓ ପରବର୍ତ୍ତୀ ପିଢ଼ିର ନୂତନ ଶକ୍ତିକୁ ଏକତ୍ରୀତ କରିବ। ଏହା ଆଗାମୀ ଦଶନ୍ଧି ଧରି ଆଲେନ୍‌ର ଶ୍ରେଷ୍ଠତାକୁ ବଜାୟ ରଖିବା ପାଇଁ ଗଠିତ ଏକ ଶାସନ ଢ଼ାଂଚାକୁ ପୂର୍ଣ୍ଣାଙ୍ଗ କରିବ। ଆଲେନର ସିଇଓ ଶ୍ରୀ ନିତିନ କୁକରେଜା କହିଛନ୍ତି ଯେ, 'ବୋର୍ଡରେ ଅମନଙ୍କ ନିଯୁକ୍ତି ହେଉଛି ଆମର ଗ୍ଲୋବାଲ୍ ଷ୍ଟଡିଜ୍ ଡିଭିଜନର ନେତୃତ୍ୱ ନେଇ ବର୍ଷେ ବର୍ଷେ ଧରି ସେ ଅର୍ଜନ କରିଥିବା ବିଶ୍ୱାସର ଏକ ସ୍ୱାଭାବିକ ପ୍ରଗତି। ନେତୃତ୍ୱ ଟିମ୍ ଭାବରେ ଆମେ ଆଲେନ୍‌ର ଶତବାର୍ଷିକ ଦୂରଦୃଷ୍ଟି ଆଡ଼କୁ କାର୍ଯ୍ୟ କରୁଥିବା ବେଳେ ତାଙ୍କର କ୍ରମାଗତ ମାର୍ଗଦର୍ଶନକୁ ଅପେକ୍ଷା କରିଛୁ।

# ଓଡିଶାକୁ ୨୪ଟି ନୂଆ ସାପ୍ତାହିକ ଫ୍ଲାଇଟ ଆରମ୍ଭ କରିଛି ଷ୍ଟାର ଏୟାର

**ଭୁବନେଶ୍ୱର, ୨୧୯ (ନି.ପ୍ର):** ସୟ ଘୋଡାୱତ ଗ୍ରୁପର ଆଭିଏଶନ ସଂସ୍ଥା ଷ୍ଟାର ଏୟାର ଓଡିଶାକୁ ୨୪ଟି ନୂତନ ସାପ୍ତାହିକ ଫ୍ଲାଇଟର ଶୁଭାରମ୍ଭ କରିଛି, ଯାହା ପହଂଚଯୋଗ୍ୟ, ନିର୍ଭରଯୋଗ୍ୟ ଓ ସୁବିଧାଜନକ ଏୟାର କନେକ୍ଟିଭିଟି ପାଇଁ ଏୟାରଲାଇନର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ବଡ ସଫଳତାକୁ ସୂଚିତ କରୁଛି। ଏହି ସମ୍ପ୍ରସାରଣରେ ହାଇଦ୍ରାବାଦ ଓ ଭୁବନେଶ୍ୱର ମଧ୍ୟରେ ଏକ ପ୍ରତ୍ୟକ୍ଷ ସେବା, ଭୁବନେଶ୍ୱର-ଝାରସୁଗୁଡା ମଧ୍ୟରେ ସଂଯୋଗର ପୁନଃସ୍ଥାପନ ଭଳି ବହୁପ୍ରତିକ୍ଷୀତ ଲଂଚ୍ ସାମିଲ ରହିଛି। ଉଭୟ ରୁଟ୍‌ରେ ଆସନ୍ତା ସେପ୍ଟେମ୍ବର ୪ ତାରିଖ ୨୦୨୬ରୁ ପରିଚାଳନା ଆରମ୍ଭ ହେବ। ଓଡିଶାର ପ୍ରମୁଖ ଗନ୍ତବ୍ୟସ୍ଥଳୀଗୁଡିକ ସହ ତେଲେଙ୍ଗାନାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଏୟାର କରିଡରକୁ ସୁଦୃଢ କରି ଷ୍ଟାର ଏୟାର ବିଜନେସ୍ ପ୍ରଫେସନାଲ, ଛାତ୍ରଛାତ୍ରୀ, ପରିବାର ଓ ଭ୍ରମଣକାରୀଙ୍କ ଆବଶ୍ୟକତା ପୂରଣ କରିଛି। ହାଇଦ୍ରାବାଦ ଓ ଭୁବନେଶ୍ୱର ମଧ୍ୟରେ ପ୍ରତ୍ୟକ୍ଷ ସେବା, ହାଇଦ୍ରାବାଦ ଭଳି ଭାରତର ଏକ ପ୍ରମୁଖ



ଆଇଟି, ଫାର୍ମାସ୍ୟୁଟିକାଲ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବ୍ୟବସାୟ କ୍ଷେତ୍ର ସହ ଓଡିଶାର ରାଜଧାନୀକୁ ସଂଯୋଗ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ହାଇଦ୍ରାବାଦ-ଭୁବନେଶ୍ୱର ଫ୍ଲାଇଟ , ପୁରୀ, କୋଣାର୍କ ଭଳି ଓଡିଶାର ପ୍ରମୁଖ ଗ'ବ୍ୟସ୍ଥଳୀଗୁଡିକ ପାଇଁ ସହଜ ପହଂଚ ପ୍ରଦାନ କରିବ। ସେହିପରି ଭୁବନେଶ୍ୱର-ଝାରସୁଗୁଡା ସେବା ପୂର୍ବ ଓ ପଶ୍ଚିମ ଓଡିଶା ମଧ୍ୟରେ ଅନ୍ତର ଦୂର କରିବା, ରାଜ୍ୟ ରାଜଧାନୀକୁ ଝାରସୁଗୁଡାର ଇଣ୍ଡଷ୍ଟ୍ରିଆଲ ପାୱାରହାଉସ୍ ଏବଂ ବିସ୍ତୃତ ସମ୍ବଲପୁର ଅଂଚଳ ସହ ସଂଯୋଗ କରିବ। ଏହି ଫ୍ଲାଇଟ ସପ୍ତାହକୁ ୬ ଦିନ, ସୋମବାର, ମଙ୍ଗଳବାର, ଗୁରୁବାର, ଶୁକ୍ରବାର, ଶନିବାର ଓ ରବିବାର ପରିଚାଳିତ ହେବ। ଏହି ନୂତନ ସେବା ସମ୍ପର୍କରେ ଷ୍ଟାର ଏୟାର୍‌ର ମୁଖ୍ୟ ବାଣିଜ୍ୟିକ ଓ ମାର୍କେଟିଂ ଅଧିକାରୀ ଶିଲ୍ପା ଭାଟିଆ କହିଛନ୍ତି, 'ଡାଇରେକ୍ଟ ହାଇଦ୍ରାବାଦ-ଭୁବନେଶ୍ୱର ଫ୍ଲାଇଟର ଶୁଭାରମ୍ଭ ଏବଂ ଭୁବନେଶ୍ୱର-ଝାରସୁଗୁଡା ସେବାର ପୁନଃଆରମ୍ଭ ସହିତ ଆମେ ତେଲେଙ୍ଗାନା ଓ ଓଡିଶା ମଧ୍ୟରେ ସଂଯୋଗ ସୁଦୃଢ କରିବା ସହିତ ଅଂଚଳର ପ୍ରମୁଖ ଗନ୍ତବ୍ୟସ୍ଥଳୀ ଗୁଡିକ ପାଇଁ ପହଂଚକୁ ପୂର୍ବାପେକ୍ଷା ଅଧିକ ସହଜ କରିଛୁ। ଏହି ସେବାଗୁଡିକୁ ବ୍ୟବସାୟ ଭ୍ରମଣକାରୀ, ଛାତ୍ରଛାତ୍ରୀ, ପରିବାର ଗୁଡିକର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଛି।। ଷ୍ଟାର ଏୟାର୍‌ରେ ଆମେ ଆଂଚଳିକ ଅର୍ଥନୀତିଗୁଡିକୁ ସଶକ୍ତ କରିବା, ସମୁଦାୟ ଗୁଡିକୁ ସଂଯୋଗ କରିବା ଏବଂ ଭାରତର ଅଧିକାଂଶ ସ୍ଥାନ ପାଇଁ ପହଂଚକୁ ସହଜ କରିବା ପାଇଁ ପ୍ରତିବଦ୍ଧ ରହିଛୁ।' ନୂଆ ରୁଟ୍, ଆଧୁନିକ ବିମାନ ଏବଂ ଉନ୍ନତ ଯାତ୍ରୀ ଅନୁଭୂତି କ୍ଷେତ୍ରରେ ଷ୍ଟାର୍ ଏୟାର୍‌ର ନିରନ୍ତର ନିବେଶ ସରକାରଙ୍କ ଉଡାନ୍ (ଉଡେ ଦେଶ୍ କା ଆମ୍ ନାଗରିକ) ଅଭିଯାନ ସହ ସମନ୍ୱିତ ରହିଛି, ଯାହା ଭାରତର ଅର୍ଥନୈତିକ ବିକାଶ ଓ ଗତିଶୀଳତାରେ ସହଯୋଗ କରିବ। ସମସ୍ତ ନୂତନ ଓ ପୁନଃସ୍ଥାପିତ ରୁଟ୍‌ଗୁଡିକ ପାଇଁ ଟିକେଟ ଏବେ ବୁକିଂ ପାଇଁ ରେ ଏବଂ ଅଗ୍ରଣୀ ଟ୍ରାଭେଲ ପ୍ଲାଟଫର୍ମଗୁଡିକରେ ଉପଲବ୍ଧ ରହିଛି। ଯାତ୍ରୀମାନଙ୍କୁ ଏହି ଉନ୍ନତ ସଂଯୋଗଗୁଡିକ ପ୍ରଦାନ କରୁଥିବା ବର୍ଦ୍ଧିତ ନମନୀୟତା ଓ ସହଜତାର ଲାଭ ପାଇବା ପାଇଁ ଯଥାଶୀଘ୍ର ଟିକେଟ ବୁକ୍ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।

# ଅଫିସର୍ସ ଚ୍ୱଏସ ବ୍ଲୁର ପ୍ରିମିୟମ ପ୍ୟାକେଜିଙ୍ଗ ସହିତ ନୂଆ ରୂପ, ଯାହା 'ବଦଲ କେ ତୋ ଦେଖୋ' ଅଭିଯାନ ସହ ଆସିଲା

**ଭୁବନେଶ୍ୱର, ୨୧୯ (ନି.ପ୍ର):** ଆଲାଏଡ଼ ବ୍ଲେଣ୍ଡରର୍ସ ଆଣ୍ଡ ଡ଼ିଷ୍ଟିଲର୍ସ ଲିମିଟେଡ଼ (ଏବିଡ଼ି), ଭାରତର ଅଗ୍ରଣୀ ସ୍ପିରିଟ୍ସ କମ୍ପାନୀ, ତାର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ଅଫିସର୍ସ ଚ୍ୱଏସ ବ୍ଲୁର ଏକ ନୂତନ ରୂପାନ୍ତରିତ ଅବତାରର ଆବରଣକୁ ଉନ୍ମୋଚ୍ନ କରିଛି। ଆକର୍ଷଣୀୟ ପ୍ରିମିୟମ ପ୍ୟାକେଜିଙ୍ଗ ଏବଂ ଏକ ନୂତନ ଜୀବନ୍ତ ପରିଚ୍ୟ ସହିତ ଏହି ପୁନଃ-ଶୁଭାରମ୍ଭ ପ୍ରିମିୟମ ଏବଂ ଆବଭ (ପିଆଣ୍ଡଏ) ସେଗମେଣ୍ଟରେ ଏହା ଗ୍ରାହକଙ୍କ ଅନୁଭବକୁ ଏକ ନୂତନ ରୂପ ଦେବାକୁ ଯାଉଛି।

ଅଫିସର୍ସ ଚ୍ୱଏସ ବ୍ଲୁ ଆରମ୍ଭରୁ ହିଁ ଉଚ୍ଚ ଗୁଣବତ୍ତାର ପ୍ରତୀକ ହୋଇ ରହିଛି। ଇମ୍ପୋର୍ଟେଡ୍ ସ୍କଚ୍ ମାଲ୍ଟ ସହିତ ବ୍ଲେଣ୍ଡ କରାଯାଇ ଏହା ବୋର୍ବନ୍ ବ୍ୟାରେଲରେ ପ୍ରସ୍ତୁତ ଏକ ମଦ୍ୟ ଯାହା ଦୀର୍ଘ ଦିନରୁ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭରସାକୁ ଜିତି ଆସିଛି। ବ୍ରାଣ୍ଡର ଏହି ନୂଆ ଓ ଆକର୍ଷଣୀୟ ଅବତାର ତା'ର ପୁରୁଣା ସୁନାମକୁ ବଜାୟ ରଖିବା ସହ ଆଧୁନିକ ଯୁଗରେ ପାଦ ଥାପିଛି, ଯାହା ନବସୃଜନ ମାଧ୍ୟମରେ ଗ୍ରାହକଙ୍କ ଅନୁଭବକୁ ଆହୁରି ଉନ୍ନତ କରିବା ପାଇଁ ଏବିଡ଼ିର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏହି ନୂତନ ଆକର୍ଷଣୀୟ ରୂପ ଆଧୁନିକ ଏବଂ ପ୍ରିମିୟମ ଡ଼ିଜାଇନର ଏକ ସୁନ୍ଦର ଉଦାହରଣ ଅଟେ। ଏଥିରେ ଅଧିକ ପତଳା ଏବଂ ଉନ୍ନତମାନର ବୋତଲ



ଗଠନ ସହ ମ୍ୟାଟ ଗୋଲ୍ଡ ଫଏଲିଙ୍ଗ ଥିବା ଏକ ସ୍ପଷ୍ଟ, ସ୍ୱଚ୍ଛ ଲେବୁଲ ବ୍ୟବହାର କରାଯାଇଛି। ପ୍ୟାକ ଉପରେ '୧୯୮୮ରୁ ଭରସାଯୋଗ୍ୟ' ଏଭଳି ଏକ ଦୃଶ୍ୟମାନ ଉକ୍ତି ଲେଖାଯାଇଛି, ଯାହା ବ୍ରାଣ୍ଡର ସମୃଦ୍ଧ ଐତିହ୍ୟକୁ ସୂଚିତ କରୁଛି। ୟୁରୋପର ଅନ୍ୟତମ ଶୀର୍ଷ ଡ଼ିଜାଇନ ଗଠନ ଦ୍ୱାରା ଡ଼ିଜାଇନ କରାଯାଇଥିବା ଏହି ନୂଆ ପ୍ୟାକେଜିଙ୍ଗ ଅଫିସର୍ସ ଚ୍ୱଏସ ବ୍ଲୁକୁ ଏକ ସମ୍ପୂର୍ଣ୍ଣ ଆଧୁନିକତାର ରୂପ ତଥା ଏହାର ଛାପ ପ୍ରଦାନ କରୁଛି। ପୁନଃଶୁଭାରମ୍ଭର ଏହି ଅବସରରେ ମତବ୍ୟକ୍ତ କରି, ଅମର ସିହ୍ନା, ପରିଚାଳନା ନିର୍ଦ୍ଦେଶକ, ଏବିଡ଼ି, କହିଛ', 'ଅଫିସର୍ସ ଚ୍ୱଏସ ବ୍ଲୁ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଆମ କାହାଣୀର ଏକ ପ୍ରମୁଖ ତଥା ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି। ଆଧୁନିକ ଭାରତୀୟ ଉପଭୋକ୍ତା ମାନଙ୍କର ପସନ୍ଦ ବଦଳୁଥିବାରୁ, ଆମେ ବିଶ୍ୱାସ କରୁ ଯେ ସେମାନଙ୍କର ପ୍ରିୟ ବ୍ରାଣ୍ଡ ଗୁଡ଼ିକ ମଧ୍ୟ ସେମାନଙ୍କ ସହିତ ଆଗକୁ ତାଳ ଦେଇ ବଢ଼ିବା ଉଚ୍ଚିତ। ଏହି ପୁନଃଶୁଭାରମ୍ଭର ମୂଳ ଲକ୍ଷ୍ୟ ହେଉଛି ଅଫିସର୍ସ ଚ୍ୱଏସ ବ୍ଲୁ ମଧ୍ୟରେ ଏକ ନୂତନ ସ୍ୱାଭିମାନ, ଶକ୍ତି ଏବଂ ସମସାମୟିକ ଶୈଳୀକୁ ପ୍ରବେଶ କରାଇବା। ଗୁଣବତ୍ତା ଏବଂ ନିରନ୍ତରତାର ମୂଳ ପ୍ରତିଶ୍ରୁତିକୁ ବଜାୟ ରଖିବା ସହିତ ଏହି ବ୍ରାଣ୍ଡକୁ ଆହୁରି ଆଧୁନିକ ଏବଂ ପ୍ରିମିୟମ କରିବା ପାଇଁ ଏହାର ନୂତନ ପ୍ୟାକେଜିଙ୍ଗ ପ୍ରସ୍ତୁତ କରାଯାଇଛି। ଆମେ ବିଶ୍ୱାସ କରୁ ଯେ ଏହି ନୂତନ ପରିଚ୍ୟ ବ୍ରାଣ୍ଡର ପ୍ରାସଙ୍ଗିକତାକୁ ଆହୁରି ମଜବୁତ କରିବା ସହିତ ଏହାର ପରବର୍ତ୍ତି ପର୍ଯ୍ୟାୟର ଅଭିବୃଦ୍ଧିରେ ସହାୟକ ହେବ। ଏହି ବଜାର ପ୍ରବେଶ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ପ୍ରମୁଖ ବଜାର ଗୁଡ଼ିକରେ କାର୍ଯ୍ୟକାରୀ କରାଯିବ, ଯାହା ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ଆରମ୍ଭ ହୋଇ ପରବର୍ତ୍ତି ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ଓଡ଼ିଶା, ମେଘାଳୟ ଏବଂ ହରିୟାଣାରେ ଲାଗୁହେବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ବଜାରଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ।

# ୨୦୨୫-୨୬ ଆର୍ଥିକ ବର୍ଷରେ ୯୯.୮% ଜୀବନ ବୀମା ସ୍ଥିର

**ଭୁବନେଶ୍ୱର, ୦୨।୦୯ (ନି.ପ୍ର) :** ଏକ ଜୀବନ ବୀମା ପଲିସି ଆକର୍ଷଣୀୟ ଲାଭ, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ଏକ ସହଜ ଡିଜିଟାଲ୍ ଯାତ୍ରା ପ୍ରଦାନ କରିପାରେ। କିନ୍ତୁ ଯେତେବେଳେ ଏକ ପରିବାର ଜଣେ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥାଏ, ସେତେବେଳେ କେବଳ ଗୋଟିଏ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ତାହା ହେଉଛି: ବୀମା ପ୍ରଦାନକାରୀ ସଂସ୍ଥା ନିଜର ପ୍ରତିଶ୍ରୁତି ପାଳନ କରିବେ କି? ଏହି ପ୍ରଶ୍ନର ମହତ୍ୱ ବୃଦ୍ଧି ପାଉଛି କାରଣ ଭାରତର ବୀମା ବଜାର ବିସ୍ତାର ହେଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ଜୀବନ ବୀମା ଶିଳ୍ପ ୮.୮୬ ଲକ୍ଷ କୋଟି ଟଙ୍କାର ପ୍ରିମିୟମ୍ ସଂଗ୍ରହ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୬.୭୩% ବୃଦ୍ଧି ପାଇଛି। ଏହାସତ୍ୱେ, ଜୀବନ ବୀମା ଗ୍ରହଣ ଜିଡିପିର ୨.୭% କୁ ହ୍ରାସ ପାଇଛି। ଏହା ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ କଥା କହୁଛି। ଗ୍ରାହକମାନେ କେବଳ ସେମାନେ କିଣୁଥିବା ଉତ୍ପାଦ ଉପରେ ନୁହେଁ, ବରଂ ଏହା ପଛରେ ରହିଥିବା ସଂସ୍ଥା ଉପରେ ମଧ ବିଶ୍ୱାସ କରିବା ଉଚିତ। ଗ୍ରାହକଙ୍କ ପାଇଁ ଏକ ଉଚ୍ଚ ଦାବି ପୈଠ ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଅଟେ। କିନ୍ତୁ ସ୍ଥିରତା ଗୋଟିଏ ବର୍ଷର ପ୍ରଦର୍ଶନ ଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗ୍ରାହକମାନେ ବୀମା ପ୍ରଦାନକାରୀ ସଂସ୍ଥାର ଅନେକ ବର୍ଷର ରେକର୍ଡ ସହିତ ପଇଠ କରିଥିବା ଦାବିର ସଂଖ୍ୟା ଓ ମୂଲ୍ୟ, ସମାଧାନର ବେଗ, ପ୍ରକ୍ରିୟାର ସହଜତା ଏବଂ ପରିବାରକୁ ପ୍ରଦାନ କରାଯାଇଥିବା ସହାୟତାର ଗୁଣବତା ଦେଖିବା ଉଚିତ। ଆକ୍ସିସ୍ ମ୍ୟାକ୍ସ ଲାଇଫ୍ ?ରେ, ଆମର ବ୍ୟକ୍ତିଗତ ମୃତ୍ୟୁ ଦାବି ପୈଠ ଅନୁପାତ ଗତ ୫ ବର୍ଷ ହେବ ୯୯% ଉପରେ ରହିଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୯୯.୩୪%ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୯୯.୮%କୁ ସ୍ଥିର ଭାବରେ ଉନ୍ନତ ହୋଇଛି, ଯାହା ଶିଳ୍ପର ଅଗ୍ରଣୀ ଦାବି ଦେୟ ଅନୁପାତ ମଧ୍ୟରୁ ଗୋଟିଏ।



କେବଳ ୨୦୨୫-୨୬ରେ, ଆମେ ୧୬୪୧ କୋଟି ଟଙ୍କା ମୂଲ୍ୟର ୨୦,୫୨୯ଟି ସ୍ୱାଧୀନ ମୃତ୍ୟୁ ଦାବିର ସମାଧାନ କରିଛୁ। ଏହି ସଂଖ୍ୟା ପ୍ରତିଶ୍ରୁତି ପାଳନ କରିବାର ସଂସ୍କୃତିର ପ୍ରତିନିଧିତ୍ୱ କରୁଛି। ଦାବିଗୁଡିକ ଜଣେ ବୀମା ପ୍ରଦାନକାରୀଙ୍କ ସମଗ୍ର ସଂସ୍ଥାର ଶକ୍ତିକୁ ମଧ ଉନ୍ମୋଚନ କରିଥାଏ। ଏକ ଭଲ ଦାବି ଅଭିଜ୍ଞତା ଦାୟିତ୍ୱପୂର୍ଣ୍ଣ ଅଣ୍ଡରରାଇଟିଂ ସହିତ ଆରମ୍ଭ ହୋଇଥାଏ। ଏଥିପାଇଁ ସଠିକ୍ ରେକର୍ଡ, ମଜବୁତ ଟେକ୍ନୋଲୋଜି, ସ୍ପଷ୍ଟ ଯୋଗାଯୋଗ, ଦୃଢ଼ ଠକେଇ ନିୟନ୍ତ୍ରଣ ଓ ସୁ- ପ୍ରଶିକ୍ଷିତ ଲୋକଙ୍କ ଆବଶ୍ୟକ କରିଥାଏ। ଯେତେବେଳେ ଏକ ପରିବାର ସବୁଠାରୁ ସମ୍ବେଦନଶୀଳ ଅବସ୍ଥାରେ ଥାଏ ସେତେବେଳେ ଏହାକୁ ସହାନୁଭୂତିର ଆବଶ୍ୟକ ହୋଇଥାଏ। ଏହି କାରଣରୁ ଦାବିଗୁଡିକ ଜୀବନ ବୀମା ପ୍ରଦାନକାରୀଙ୍କ ଦକ୍ଷତା ପରିମାପର କେନ୍ଦ୍ରରେ ଅବସ୍ଥାପିତ ହେବା ଉଚିତ। ଦାବି ଦର୍ଶାଇଥାଏ ଯେ ବୀମା ପ୍ରଦାନକାରୀ ସଂସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସହଯୋଗ ପ୍ରଦାନ କରିଥିଲେ କି ନାହିଁ। ଦାବିଗୁଡିକ ଏଭଳି ଉପାୟରେ ବ୍ରାଣ୍ଡର ପ୍ରତିଷ୍ଠା ନିର୍ମାଣ କରିଥାନ୍ତି ଯାହା ବିଜ୍ଞାପନ ଏକାକି କରିପାରିନଥାଏ। ପରିବାରଗୁଡିକ ସେହି ବୀମା ପ୍ରଦାନକାରୀଙ୍କୁ ମନେ ରଖନ୍ତି ଯିଏ ଏକ ଜଟିଳ ସମୟରେ ସେମାନଙ୍କୁ ସମର୍ଥନ କରିଥିଲେ। ସେମାନେ ସେହି ଅଭିଜ୍ଞତାକୁ ସମ୍ପର୍କୀୟ, ବନ୍ଧୁ ଏବଂ ସହକର୍ମୀଙ୍କ ସହିତ ବାଂଟନ୍ତି। ତେବେ କେବଳ ଶବ୍ଦ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରାଯାଇପାରିବ ନାହିଁ। ଏହାକୁ କାର୍ଯ୍ୟ ମାଧ୍ୟମରେ, ଗୋଟିଏ ପରିବାର ଏବଂ ଗୋଟିଏ ସମୟରେ ଗୋଟିଏ ଦାବି ସମାଧାନ ମାଧ୍ୟମରେ ଅର୍ଜନ କରାଯାଇଥାଏ। ତେଣୁ ଦାବିଗୁଡିକ ଆର୍ଥିକ କାରବାର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସେଗୁଡିକ ସେହି ମୁହୂର୍ତ୍ତ ଯେତେବେଳେ ବୀମା ଏହାର ଅର୍ଥ ହାସଲ କରିଥାଏ, ଏକ ପ୍ରତିଶ୍ରୁତି ବାସ୍ତବତାରେ ପରିଣତ ହୋଇଥାଏ ଏବଂ ବିଶ୍ୱାସ ଦୃଶ୍ୟମାନ ହୋଇଥାଏ।

# ଆଇସକ୍ରିମ ବ୍ୟବସାୟରେ ରିଲାଏନ୍ସ କ୍ୟୁମର ପ୍ରଡକ୍ଟସର ପ୍ରବେଶ; 'ବମ୍ବେ କ୍ରିମେରୀ' ଶୁଭାରମ୍ଭ ଘୋଷଣା

**ମୁମ୍ବାଇ,୨୧୯ (ନି.ପ୍ର):** ରିଲାଏନ୍ସ କ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଆରସିପିଏଲ) ଆଇସକ୍ରିମ୍ ବଜାରରେ ପ୍ରବେଶ କରିଛି। କମ୍ପାନୀ 'ବମ୍ବେ କ୍ରିମେରୀ' ନାମକ ଏକ ନୂତନ ଆଇସକ୍ରିମ୍ ବ୍ରାଣ୍ଡ ଶୁଭାରମ୍ଭ କରିଛି, ଯାହାର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ ହେଉଛି। ବମ୍ବେ କ୍ରିମେରୀ ଆଇସକ୍ରିମ୍ ଅସଲି ଡେରୀ କ୍ରିମ୍ ବ୍ୟବହାର କରି ପ୍ରସ୍ତୁତ କରାଯିବ।



କମ୍ପାନୀ କୋନ୍, କପ୍, ଟବ୍, ବାର୍ ଏବଂ ଷ୍ଟିକ୍ ସମେତ ବିଭିନ୍ନ ଫର୍ମାଟରେ ବଜାରରେ ଉତ୍ପାଦ ପ୍ରଚଳନ କରିଛି। ସମ୍ପ୍ରତି ପଶ୍ଚିମ ଭାରତରେ ବିକ୍ରି ଆରମ୍ଭ ହେଉଛି, ଏବଂ ଖୁବ୍ ଶୀଘ୍ର ଦେଶବ୍ୟାପୀ ଏହି ଆଇସକ୍ରିମ ଉତ୍ପାଦ ଉପଲବ୍ଧ କରାଇବାର ଯୋଜନା ରହିଛି। ଆରସିପିଏଲ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏହା ବମ୍ବେ କ୍ରିମେରୀକୁ ସୁଲଭ ମୂଲ୍ୟରେ ଉପଲବ୍ଧ ଏକ ପ୍ରିମିୟମ୍ ଡେରୀ ଅନୁଭବ ପ୍ରଦାନ କରୁଥିବା ବ୍ରାଣ୍ଡ ଭାବରେ ପ୍ରସ୍ତୁତ କରୁଛି। ଏହାର ବ୍ୟାପକ ବିତରଣ ନେଟୱାର୍କ, ରିଟେଲ ଉପଲବ୍ଧତା ଏବଂ ଗ୍ରାହକ ଅନ୍ତର୍ଦୃଷ୍ଟି ସହାୟତାରେ କମ୍ପାନୀ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଏହି ବର୍ଗରେ ପ୍ରବେଶ କରୁଛି। ଆରସିପିଏଲର ନିର୍ଦ୍ଦେଶକ ଟି. କୃଷ୍ଣକୁମାର କହିଛନ୍ତି ଯେ ବମ୍ବେ କ୍ରିମେରୀ ଆଇସକ୍ରିମ କ୍ଷୀର ବା ଡେରୀର ପ୍ରକୃତ ପରିଚୟକୁ ବଜାୟ ରଖିବା ଭାବନା ନେଇ ପ୍ରସ୍ତୁତ କରାଯାଇଛି। କମ୍ପାନୀ ସୂଚନା ଅନୁଯାୟୀ ଏହା ଭାରତୀୟ ପରିବାର ପାଇଁ ସୁଲଭ ମୂଲ୍ୟରେ ପ୍ରକୃତ କ୍ଷୀର କ୍ରିମରୁ ତିଆରି ଆଇସକ୍ରିମ ଉପଲବ୍ଧ କରିବାକୁ ଚାହୁଁଛି। ବମ୍ବେ କ୍ରିମେରୀ ସହିତ, ଆରସିପିଏଲ ପ୍ରଥମ ଥର ପାଇଁ ଆଇସକ୍ରିମ ବର୍ଗରେ ପ୍ରବେଶ କରୁଛି। ଆରସିପିଏଲ ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏଫଏମସିଜି କମ୍ପାନୀ, ଯାହା ବିଭିନ୍ନ ଉପଭୋକ୍ତା ଉତ୍ପାଦ ବର୍ଗରେ ଏହାର ଉପସ୍ଥିତି ବିସ୍ତାର କରୁଛି।

# ବେଦାନ୍ତ ପକ୍ଷରୁ ଜୟପୁର ସାହିତ୍ୟ ମହୋତ୍ସବ ଜାନୁଆରୀ ୧୪ ରୁ ୧୮ ତାରିଖ

**ଭୁବନେଶ୍ୱର, ୨୧୯ (ନି.ପ୍ର) :** ଜୟପୁର ସାହିତ୍ୟ ମହୋତ୍ସବ ଆସନ୍ତା ଜାନୁଆରୀ ୨୦୨୭ରେ ଏହାର ଐତିହାସିକ ୨୦ତମ ସଂସ୍କରଣ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ବିଗତ ଦୁଇ ଦଶନ୍ଧି ହେବ ଜୟପୁର ସାହିତ୍ୟ ମହୋତ୍ସବ ଜୟପୁରରେ ଲେଖକ ଏବଂ ପାଠକଙ୍କର ଏକ ସମାବେଶରୁ ବିଶ୍ୱର ସବୁଠାରୁ ସ୍ୱୀକୃତିପ୍ରାପ୍ତ ସାହିତ୍ୟିକ ମଂଚ ମଧ୍ୟରୁ ଗୋଟିଏରେ ବିକଶିତ ହୋଇଛି। ୨୦୦୮ରେ ଆରମ୍ଭ ହେବା ପରଠାରୁ, ଏହି ମହୋତ୍ସବ ୮୦୦୦ ରୁ ଅଧିକ ଲେଖକ, ବକ୍ତା ଓ କଳାକାରଙ୍କୁ ଆତିଥ୍ୟ ପ୍ରଦାନ କରିଛି, ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କୁ ସ୍ୱାଗତ କରିଛି ଏବଂ ଡିଜିଟାଲ୍ ପ୍ଲାଟଫର୍ମ, ବ୍ରଡକାଷ୍ଟ ପାର୍ଟନରସିପ ଓ ମିଡିଆ ନେଟୱାର୍କ ମାଧ୍ୟମରେ ପ୍ରାୟ ୧ ବିଲିୟନରୁ ଅଧିକ ଦର୍ଶକଙ୍କ ନିକଟରେ ପହଂଚିଛି। ଏହି ମହୋତ୍ସବର ସ୍ଥାୟୀ ପ୍ରଭାବ ସାହିତ୍ୟ ଓ ବିଚାରଧାରାକୁ ସାର୍ବଜନୀନ ଆଲୋଚନାରେ ସାମିଲ କରିବାର ଏହାର କ୍ଷମତାରେ ଅନ୍ତର୍ନିହିତ




ରହିଛି। ବିବିଧ ସ୍ୱର ପାଇଁ ଏକ ଖୋଲା ଓ ସୁଗମ ମଂଚ ସୃଷ୍ଟି କରି, ଜୟପୁର ସାହିତ୍ୟ ମହୋତ୍ସବ ପାରମ୍ପରିକ ପ୍ରକାଶନ ଏବଂ ଶିକ୍ଷାଗତ କ୍ଷେତ୍ର ବାହାରେ ସାହିତ୍ୟିକ ଯୋଗଦାନକୁ ବିସ୍ତାର କରିବାରେ ସାହାଯ୍ୟ କରିଛି। ରାଜସ୍ଥାନ ସରକାରଙ୍କ ସହଯୋଗରେ, ଜୟପୁର ସାହିତ୍ୟ ମହୋତ୍ସବର ୨୦ତମ ସଂସ୍କରଣ ଆସନ୍ତା ଜାନୁଆରୀ ୧୪ ରୁ ୧୮ ତାରିଖ ୨୦୨୭ ପର୍ଯ୍ୟନ୍ତ ଜୟପୁରରେ ଅନୁଷ୍ଠିତ ହେବ, ଯାହା ସାହିତ୍ୟ, ସଂସ୍କୃତି, ଶିକ୍ଷା ଏବଂ କଳାର ପ୍ରମୁଖ ସ୍ୱରଗୁଡିକୁ ଏକତ୍ରିତ କରିବ। ଏସମ୍ପର୍କରେ ଜୟପୁର ସାହିତ୍ୟ ମହୋତ୍ସବର ଟିମ୍‌ୱାର୍କ ଆର୍ଟସ୍ ବିଭାଗର ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରଯୋଜକ ସୟ କେ. ରୟ କହିଛନ୍ତି, ' ୨୦ ବର୍ଷ ହେବ, ଜୟପୁର ସାହିତ୍ୟ ମହୋତ୍ସବ ଏକ ସରଳ ବିଶ୍ୱାସ ଉପରେ ନିର୍ମିତ ହୋଇଆସୁଛି ଯେ ପୁସ୍ତକ ଏବଂ ବିଚାରଧାରା ଲୋକଙ୍କୁ ଏକତ୍ରିତ କରିବାର ଶକ୍ତି ରଖେ। ଯାହା ଏହି ମହୋତ୍ସବକୁ ସ୍ଥାୟୀ କରିଛି ତାହା ହେଉଛି ଆମ ଲେଖକମାନଙ୍କର ଉଦାରତା, ଆମର ଦର୍ଶକଙ୍କ ଆଗ୍ରହ ଏବଂ ଭାଷା, ସଂସ୍କୃତି ଓ ଦୃଷ୍ଟିକୋଣ କ୍ଷେତ୍ରରେ ଆଲୋଚନା ପାଇଁ ଏକ ମିଳିତ ପ୍ରତିବଦ୍ଧତା। ଆମେ ଆମର ୨୦ତମ ସଂସ୍କରଣରେ ପ୍ରବେଶ କରିଥିବାରୁ, ଭବିଷ୍ୟତର ଅନେକ ଆଲୋଚନାକୁ ଅପେକ୍ଷା କରିବା ସହ ସେହି ଯାତ୍ରାକୁ ପାଳନ କରୁଛୁ।' ଜୟପୁର ସାହିତ୍ୟ ମହୋତ୍ସବର ଫେଷ୍ଟିଭାଲ କୋ-ଡାଇରେକ୍ଟର ନମିତା ଗୋଖଲେ କହିଛନ୍ତି, 'ଭାରତର ଆତ୍ମା ଏହାର ସାହିତ୍ୟିକ ଐତିହ୍ୟ ଓ ଭାଷାଗତ ବିବିଧତାରେ ଅନ୍ତର୍ନିହିତ ରହିଛି।

# ସାତ୍ୱିକ ସୋଲାର ପକ୍ଷରୁ ଓଡ଼ିଶାର ୨.୪ ଗିଗାୱାଟ୍ ସୋଲାର ସେଲ୍ କାରଖାନା ପାଇଁ ଏଏଲ୍‌ଏମ୍‌ଏମ୍ ତାଲିକା-୨ରେ ସାମିଲ ନିମନ୍ତେ ଆବେଦନ

**ଭୁବନେଶ୍ୱର,୨୧୯ (ନି.ପ୍ର) :** ସାତ୍ୱିକ ଗ୍ରିନ ଏନର୍ଜି ଲିମିଟେଡ୍‌ର ସହାୟକ କମ୍ପାନି ସାତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶାର ୨.୪ ଗିଗାୱାଟ୍ ବିଶିଷ୍ଟ ସୋଲାର୍ ସେଲ୍ କାରଖାନା ପାଇଁ ଏଏଲ୍‌ଏମ୍‌ଏମ୍-୨ ଅଧୀନରେ ତାଲିକାଭୁକ୍ତ ହେବା ପାଇଁ ଆବେଦନ କରାଯାଇଛି ଯାହା ଉଚ୍ଚ ଦକ୍ଷତା ସମ୍ପନ୍ନ, ଅତ୍ୟାଧୁନିକ ପ୍ରଯୁକ୍ତିର ସୋଲାର ସେଲ୍ ବିନିର୍ମାଣକୁ ବ୍ୟାପକ କରିବା ପାଇଁ ଭାରତର ଘରୋଇ ସୋଲାର ପିଭି ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ କମ୍ପାନିର ରହିଥିବା ଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶାର ଗାମ ଜିଲ୍ଲାରେ ଅବସ୍ଥିତ ଏହି କାରଖାନା ତରଫରୁ ୨୪୦୦ ମେଗାୱାଟ୍ ବିନିର୍ମାଣ କ୍ଷମତା ପାଇଁ ଆବେଦନ କରାଯାଇଛି ଏବଂ ସଦ୍ୟତମ ଏନ୍-ଟପ୍‌କନ୍ ପ୍ରଯୁକ୍ତିକୁ ବ୍ୟବହାର କରି ସାତ୍ୱିକ ନିଜସ୍ୱ ଉଚ୍ଚ ଦକ୍ଷତା ସମ୍ପନ୍ନ, ଉଚ୍ଚ ୱେଟେଜ୍‌ର ସୋଲାର୍ ସେଲ୍ ଉତ୍ପାଦନ କରିବ। ଘରୋଇ କଂଟେଂଟ୍ ଆବଶ୍ୟକତା (ଡିସିଆର୍) ବର୍ଗ ଅଧୀନରେ ମଡେଲ୍ ସଂଖ୍ୟା. ଏସ୍,ସ୍-ଏନ୍‌ଟିପି-୨୧୦ଆର୍-୧୬ବିବି-ବିଏଫ୍ ସହିତ ମୋନୋକ୍ରିଷ୍ଟାଲିନ୍ ବାଇଫେସିଆଲ୍ ଏନ୍-ଟପ୍‌କନ୍ ଜି୧୨ଆର୍ ସୋଲାର୍ ସେଲ୍ ପ୍ରଯୁକ୍ତି ପାଇଁ କମ୍ପାନି ଏଏଲ୍‌ଏମ୍‌ଏମ୍ ତାଲିକା-୨ରେ ସାମିଲ ହେବାକୁ ଆବେଦନ କରିଛି। ଭାରତ ଅତ୍ୟାଧୁନିକ ସୋଲାର ପ୍ରଯୁକ୍ତିରେ ନିଜ ଘରୋଇ ଦକ୍ଷତା ବଢ଼ାଉଥିବା ବେଳେ ଏହା ସୋଲାର ପିଭି ମୂଲ୍ୟ ଶୃଙ୍ଖଳାରେ ସାତ୍ୱିକର ବିନିର୍ମାଣ ଦକ୍ଷତାକୁ ବଢ଼ାଇବ। ଭାରତ ସରକାରଙ୍କ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମୁର ଓ ତାଲିକାଭୁକ୍ତ ହେବା ପରେ ଏହି ବ୍ୟବସ୍ଥା ପ୍ରକଳ୍ପରେ ପ୍ରୟୋଗ ହେବାକୁ ଯୋଗ୍ୟ ବିବେଚିତ ହେବ ଓ ସେଥିପାଇଁ ପ୍ରଯୁଜ୍ୟ ଘରୋଇ ସୋର୍ସିଂ ଆବଶ୍ୟକତା ନିୟମ ପୂରଣ କରିବାକୁ ପଡ଼ିବ। ଏ ସମ୍ପର୍କରେ ସାତ୍ୱିକ ଗ୍ରିନ୍ ଏନର୍ଜିର ସିଇଓ ଶ୍ରୀ ପ୍ରଶାନ୍ତ ମାଥୁର କହିଛନ୍ତି ଯେ, 'ଭାରତରେ ଏକ



ଅତ୍ୟାଧୁନିକ ଓ ପ୍ରତିଯୋଗିତାପୂର୍ଣ୍ଣ ସୋଲାର ବିନିର୍ମାଣ ଦକ୍ଷତା ସ୍ଥାପନ କରିବା ପାଇଁ ଆମର ରହିଥିବା ଅଭିଳାଷ ଦିଗରେ ଆମର ଓଡ଼ିଶା ସେଲ୍ ଉତ୍ପାଦନ କାରଖାନାକୁ ଏଏଲ୍‌ଏମ୍‌ଏମ୍ ତାଲିକା-୨ରେ ତାଲିକାଭୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ୨.୪ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଯୋଜନା ଓ ଉଚ୍ଚ କ୍ଷମତା ସମ୍ପନ୍ନ ଏନ୍-ଟପ୍‌କନ୍ ପ୍ରଯୁକ୍ତି ଉପରେ ଗୁରୁତ୍ୱ ସହ ଏହି ବ୍ୟବସ୍ଥା ଆମକୁ ଘରୋଇ ଭାବେ ନିର୍ମିତ ସୋଲାର ସେଲ୍ ପ୍ରଦାନ କରିବାର ଦକ୍ଷତାକୁ ସୁଦୃଢ଼ କରିବ ଏବଂ ଶିଳ୍ପର ବ୍ୟାପକ ସ୍ଥାନୀୟକରଣ ଯାତ୍ରାକୁ ସମର୍ଥନ କରିବ। ଆମେ ପ୍ରଯୁକ୍ତି, ବ୍ୟାପକତା ଓ ଉତ୍ପାଦନ କ୍ଷମତାରେ ନିବେଶ କରିବା ଉପରେ ଗୁରୁତ୍ୱାରୋପ କରୁଛୁ ଯାହା ଭାରତର ଦୀର୍ଘକାଳୀନ ଅକ୍ଷୟ ଶକ୍ତି ଅଭିଳାଷ ପ୍ରତି ଯୋଗଦାନ ପ୍ରଦାନ କରିବ।' ସାତ୍ୱିକର ବ୍ୟାପକ ଉତ୍ପାଦନ କାରଖାନା ସମ୍ପ୍ରସାରଣରେ ଓଡ଼ିଶାର ବିଶେଷ ମହତ୍ୱ ରହିଛି। ଭାରତର ବଢୁଥିବା ସୋଲାର ବଜାରର ଆବଶ୍ୟକତା ପୂରଣ କରିବା ପାଇଁ ଉଚ୍ଚ ମାନର ସେଲ୍ ଓ ମଡ୍ୟୁଲ୍ ପ୍ରଯୁକ୍ତି ଉପରେ କମ୍ପାନି ଗୁରୁତ୍ୱ ଦେଉଛି। ଅଧିକ ପରିବର୍ତ୍ତନ ଦକ୍ଷତା ଓ ଉନ୍ନତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଥିବା ଏନ୍-ଟପ୍‌କନ୍ ଜି୧୨ଆର୍ ସେଲ୍‌କୁ ଏଠାରେ ନିର୍ମାଣ କରାଯିବ ଯାହା ଫଳରେ ଉଚ୍ଚ ପ୍ରଦର୍ଶନକାରୀ ପିଭି ଉତ୍ପାଦ ଆଡ଼କୁ ଶିଳ୍ପର ପରିବର୍ତ୍ତନକୁ ସହଯୋଗ ମିଳିପାରିବ। ଏହା ଓଡ଼ିଶାରେ ସାତ୍ୱିକର ବିନିର୍ମାଣ ଦକ୍ଷତାକୁ ବଢ଼ାଇବ ଏବଂ ଆଂଚଳିକ ଶିଳ୍ପ ଓ ଯୋଗାଣ ବ୍ୟବସ୍ଥାରେ ସୁଯୋଗ ସୃଷ୍ଟି କରିବ। ସାତ୍ୱିକ ଗ୍ରିନ୍ ଏନର୍ଜି ପକ୍ଷରୁ ୟୁଟିଲିଟି ମାନର ବିଦ୍ୟୁତ ଉତ୍ପାଦନ, ସୋଲର ପିଭି ମଡ୍ୟୁଲ୍ ଉତ୍ପାଦନ ଓ ଶକ୍ତି ସଂରକ୍ଷଣ ସମାଧାନ ଉପରେ ଗୁରୁତ୍ୱାରୋପ କରି ଅକ୍ଷୟ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଉପସ୍ଥିତିକୁ ସୁଦୃଢ଼ କରାଯାଉଛି। କମ୍ପାନିର ବର୍ତ୍ତମାନର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ୪.୮ ଗିଗାୱାଟ୍ ରହିଛି ଏବଂ ଏହା ସୋଲାର ସେଲ୍ ଓ ମଡ୍ୟୁଲ୍ କ୍ଷେତ୍ରରେ ସମ୍ପ୍ରସାରଣ ଜାରି ରଖିଛି।

